


ଯା କୁନ୍ଦେନ୍ଦୁ ତୁଷାରହାର ଧବଳା
ଯା ଶୁଭ୍ର ବସ୍ତ୍ରାବୃତା
ଯା ବୀଣାବରଦଣ୍ଡମଣ୍ଡିତକରା
ଯା ଶ୍ୱେତପଦ୍ମାସନା ।
ଯା ବ୍ରହ୍ମାଚ୍ୟୁତ ଶଙ୍କର
ପ୍ରଭୃତିଭି ର୍ଦେବୈଃ ସଦା ବନ୍ଦିତା
ସା ମାଂ ପାତୁ ସରସ୍ୱତୀ
ଭଗବତୀ ନିଃଶେଷଜାଡ୍ୟାପହା ।।

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

NS-EN ISO 9001:2008 The Only ISO Certified Odiya Newspaper

କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୫୬ ● ୨୩ ଜାନୁଆରୀ ୨୦୨୬, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-356 ● 23rd January 2026, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ୪.୫୭ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଖାତାକୁ ଗଲା ସୁଭଦ୍ରା ସହାୟତା ରାଶି

# ମହିଳାମାନଙ୍କ ସର୍ବାଙ୍ଗୀନ ବିକାଶ କରିବା ସରକାରଙ୍କ ଲକ୍ଷ୍ୟ

ଭୁବନେଶ୍ୱର, ୨୨।୧

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ସର୍ବ ବୃହତ ମହିଳା କୈନ୍ଦ୍ରିକ କଲ୍ୟାଣ ଯୋଜନା 'ସୁଭଦ୍ରା'ର ପ୍ରାୟ ୪ ଲକ୍ଷ ୫୭ ହଜାର ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନ ଠାରେ ସହାୟତା ରାଶି ପ୍ରଦାନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩୧୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ଡିବିଟିମାଧ୍ୟମରେ ପ୍ରଦାନ କରିଥିଲେ।

ସୂଚନା ଯୋଗ୍ୟଯେ, ସୁଭଦ୍ରା ଯୋଜନା ଅନ୍ତର୍ଗତ ପ୍ରଥମ, ଦ୍ୱିତୀୟ ଅବଶିଷ୍ଟ ଏବଂ ତୃତୀୟ କିସ୍ତି ପାଇନଥିବା ହିତାଧିକାରୀଙ୍କୁ ଏବଂ ନୂତନ ଭାବେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପଞ୍ଜୀକୃତ ହୋଇଥିବା ହିତାକାରୀଙ୍କୁ ସହାୟତା ପ୍ରଦାନ କରାଯାଇଛି।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବାର୍ଷିକ ୧୧ ହଜାର କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା 'ସୁଭଦ୍ରା' ହେଉଛି ସ୍ୱାଧୀନତା ପରବର୍ତ୍ତୀ ଓଡିଶାର ସର୍ବବୃହତ୍ ମହିଳା କୈନ୍ଦ୍ରିକ ଯୋଜନା, ଯେଉଁଥିରେ ୨୧ ରୁ ୬୦ ବର୍ଷ ବୟସର ୧ କୋଟିରୁ ଉର୍ଦ୍ଧ୍ୱ ଯୋଗ୍ୟ ମହିଳାଙ୍କୁ ୫ ବର୍ଷ ମଧ୍ୟରେ ବାର୍ଷିକ ୧୦ ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ, ମୋଟ ୫୦ ହଜାର ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି। ସେଇଥିପାଇଁ 'ସୁଭଦ୍ରା' ଓଡ଼ିଶାର ସମସ୍ତ ମା' ଭଉଣୀଙ୍କ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଜ୍ୱଳନ୍ତ ନିଦର୍ଶନ।

ଆମ ସରକାର ଆସିବାମାତ୍ରେ ପ୍ରଥମ ଦିନରେ ହିଁ ଏଥିପାଇଁ କ୍ୟାବିନେଟରେ ନିଷ୍ପତ୍ତି ହୋଇ ସେପ୍ଟେମ୍ବର ୧୭, ୨୦୨୪ ତାରିଖରେ ପ୍ରଥମ କିସ୍ତି *(ପୃଷ୍ଠା ୭ରେ)*




# ଖାଇକୁ ଖସିଲା ସେନା ଗାଡ଼ି: ଭୟଙ୍କର ଦୁର୍ଘଟଣାରେ ୧୦ ଯବାନ ସହିଦ

ନୂଆଦିଲ୍ଲୀ, ୨୨।୧

ଜମ୍ମୁ-କଶ୍ମୀରର ଡୋଡାରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି । ସେନାର ଟ୍ରକ୍ ସେହି ଅଞ୍ଚଳ ଦେଇ ଯାଉଥିବା ସମୟରେ ଘାଟି ତଳକୁ ଖସି ପଡ଼ିଥିଲା, ଯେଉଁଥିରେ ୧୦ ଜଣ ସୈନିକଙ୍କ ମୃତ୍ୟୁ ହୋଇଥିଲା ଏବଂ ୧୦ ଜଣ ଆହତ ହୋଇଥିଲେ । ସେନାର ଏହି କାସପର ଟ୍ରକଟି ଡୋଡାର ଭାଦରୱାହ-ଚମ୍ବା ରାସ୍ତାରେ ଯାତ୍ରା କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି । କାସପର ଟ୍ରକ୍ ପ୍ରାୟ ୨୦୦ ଫୁଟ ଗଭୀର ଘାଟି ତଳକୁ ଖସିଛି ବୋଲି ସୂଚନା ମିଳିଛି । ଯବାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ଉଦ୍ଧାରକାରୀ ଦଳ ଦ୍ରୁତ ଗତିରେ କାର୍ଯ୍ୟ କରୁଛନ୍ତି । ଜଣେ ଅଧିକାରୀ କହିଛନ୍ତି ଯେ ଘଟଣା ଖବର ପାଇବା ପରେ ତୁରନ୍ତ ଉଦ୍ଧାର ଏବଂ ରିଲିଫ୍ ଦଳକୁ ଘଟଣାସ୍ଥଳକୁ ପଠାଯାଇଥିଲା । ଆହତ ଯବାନମାନଙ୍କୁ ଦୁର୍ଘଟଣାସ୍ଥଳରୁ ବାହାର କରାଯାଇ ନିକଟସ୍ଥ ଏକ ମେଡିକାଲକୁ ନିଆଯାଇଥିଲା ଯେଉଁଠାରେ ତିନି ଜଣ ଯବାନଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

ସେନା ଗାଡ଼ିଟି ଉଚ୍ଚ ପାହାଡ଼ରେ ଥିବା ପୋଷ୍ଟ ଆଡ଼କୁ ଯାଉଥିବା ବେଳେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ୨୦୦ ଫୁଟ ଗଭୀର ଘାଟି ତଳକୁ ଖସି ପଡ଼ିଥିଲା । ଜମ୍ମୁ ଏବଂ କଶ୍ମୀରର ଡୋଡା ଜିଲ୍ଲାର ସୁରକ୍ଷା ପରିସ୍ଥିତି ବର୍ତ୍ତମାନ ସମ୍ବେଦନଶୀଳ ରହିଛି । ଦୁର୍ଘଟଣା ଘଟିବା ପରେ ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ସୁରକ୍ଷା ବାହିନୀର ଅପରେସନ ବୃଦ୍ଧି ପାଇଛି । ଡୋଡା ଜିଲ୍ଲାରେ ବିଶେଷକରି ପାର୍ବତ୍ୟ ଏବଂ ଜଙ୍ଗଲ ଅଞ୍ଚଳଗୁଡ଼ିକରେ ଆତଙ୍କବାଦୀଙ୍କ ଉପସ୍ଥିତିକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି । ଗୁଇନ୍ଦା ରିପୋର୍ଟ ଅନୁଯାୟୀ ଡୋଡା ଏବଂ ପଡ଼ୋଶୀ କିସ୍ତୱାର ଜିଲ୍ଲାରେ ୩୦ ରୁ ୩୫ ଜଣ ପାକିସ୍ତାନୀ ମୂଳ ଆତଙ୍କବାଦୀ ସକ୍ରିୟ ହୋଇ ଜଙ୍ଗଲରେ ଲୁଚି ରହିପାରନ୍ତି ।

ଏହି ଦୁଃଖଦ ଖବର ପରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଜମ୍ମୁ-କଶ୍ମୀର ଉପ-ରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଗଭୀର ଶୋକ ପ୍ରକାଶ କରିଛନ୍ତି। ଯବାନମାନଙ୍କ ଅମର ବଳିଦାନକୁ ଦେଶ ସବୁବେଳେ ମନେ ରଖିବ ବୋଲି ସେମାନେ କହିଛନ୍ତି।



# ଗ୍ରାମରକ୍ଷୀଙ୍କ ମାସିକ ଭତ୍ତା ବୃଦ୍ଧି କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୧

ନ୍ୟୁଜ୍ ବ୍ୟୁରୋ

ଗ୍ରାମରକ୍ଷୀଙ୍କ ମାସିକ ଭତ୍ତା ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପୂର୍ବରୁ ଗ୍ରାମରକ୍ଷୀ ୧୮୦୦ ଟଙ୍କା ପାଉଥିବାବେଳେ ୭୦୦ ଟଙ୍କା ବୃଦ୍ଧି କରିଛନ୍ତି ସରକାର। ବର୍ତ୍ତମାନ ଗ୍ରାମରକ୍ଷୀମାନେ ୨୫୦୦ ଟଙ୍କା ମାସିକ ଭତ୍ତା ପାଇବେ। ଯେଉଁ ଥାନା ଅଧୀନରେ ଗ୍ରାମରକ୍ଷୀ କାମ କରୁଥିବେ ସପ୍ତାହକୁ ଥରେ ଯାଇ ସେଠାରେ ଉପସ୍ଥାନ ଦେବେ।

## ଆଜିର ମୁଖ୍ୟ ଖବର

- ଗଣତନ୍ତ୍ର ଦିବସ ପାଇଁ ଦେଶବ୍ୟାପୀ ପ୍ରସ୍ତୁତି।
- ମୂଲ୍ୟବୃଦ୍ଧି ଓ ଇନ୍ଧନ ଦର ଉପରେ ଆଲୋଚନା।
- ରିଜର୍ଭ ବ୍ୟାଙ୍କର ନୀତି ସମୀକ୍ଷା।
- ଆସନ୍ତା କ୍ରୀଡା ପ୍ରତିଯୋଗିତା ପାଇଁ ପ୍ରସ୍ତୁତି।
- ଶିକ୍ଷା ନୀତି ନେଇ କେନ୍ଦ୍ରୀୟ ଆଲୋଚନା।
- ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ସରକାରୀ ସମୀକ୍ଷା।

# ଭାରତ- ୟୁରୋପ ଏଫଟିଏ ବିଶ୍ୱକୁ ଅନିଶ୍ଚିତତାରୁ ମୁକ୍ତି ଦେଇପାରେ

ନୂଆଦିଲ୍ଲୀ, ୨୨।୧

ଗଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ୟୁରୋପୀୟ ସଂଘ ନେତାମାନଙ୍କ ଭାରତ ଗସ୍ତ ପୂର୍ବରୁ, ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ଗୁରୁବାର ୨୭ ଟି ୟୁରୋପୀୟ ସଂଘ ସଦସ୍ୟ ରାଷ୍ଟ୍ରର ରାଷ୍ଟ୍ରଦୂତଙ୍କ ସହିତ ସାକ୍ଷାତ କରିଥିଲେ ଏବଂ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଭାରତ ଏବଂ ୟୁରୋପ ମଧ୍ୟରେ ଦୃଢ଼ ସହଯୋଗ ବିଶ୍ୱ ବାଣିଜ୍ୟ, ପରିବହନ ଏବଂ ସୁରକ୍ଷା ସହଭାଗୀତା ମାଧ୍ୟମରେ ବିଶ୍ୱ ବ୍ୟବସ୍ଥାକୁ ସ୍ଥିରତା ପ୍ରଦାନ କରିବାରେ ସକ୍ଷମ।

ଏକ୍ସରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକର ବିବରଣୀ ବାଣ୍ଟି ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଆଜି, ଏକ ଅଭୂତପୂର୍ବ ଅନିଶ୍ଚିତତାର ସମ୍ମୁଖୀନ ହେଉଥିବା ବିଶ୍ୱରେ, ତାଙ୍କର ୟୁରୋପୀୟ ସଂଘ (ୟୁରୋପ) ର ରାଷ୍ଟ୍ରଦୂତମାନଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଏହି ବୈଠକ ସମୟରେ, ସେ ଭାରତ ଏବଂ ୟୁରୋପ ମଧ୍ୟରେ ଦୃଢ଼ ସମ୍ପର୍କର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେ ରାଷ୍ଟ୍ରଦୂତମାନଙ୍କୁ କହିଥିଲେ ଯେ ବିଶ୍ୱ ଅର୍ଥନୀତିକୁ ବିପଦମୁକ୍ତ କରିବାରେ ଉଭୟ ପକ୍ଷ ମଧ୍ୟରେ ଘନିଷ୍ଠ ସହଯୋଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ସ୍ଥିର ଏବଂ ନିର୍ଭରଯୋଗ୍ୟ ଯୋଗାଣ ଶୃଙ୍ଖଳରେ ସହଭାଗୀତା ମାଧ୍ୟମରେ ବିଶ୍ୱ ଅର୍ଥନୈତିକ ଅସ୍ଥିରତାକୁ ହ୍ରାସ କରାଯାଇପାରିବ।



# ଜାତୀୟ ମରୁଡ଼ି ପ୍ରଶମନ ପ୍ରକଳ୍ପର ଶୁଭାରମ୍ଭ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୨୨।୧

ନ୍ୟୁଜ୍ ବ୍ୟୁରୋ

ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଜାତୀୟ ମରୁଡ଼ି ପ୍ରଶମନ ପ୍ରକଳ୍ପ ଅନ୍ତର୍ଗତ 'ଓଡିଶା କୃଷି ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ ' ଉପରେ ଏନଡିଏମଏ ଓ ଓସଡମା ସହାୟତା ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ମାଧ୍ୟମରେ ପାଣ୍ଠି ଯୋଗାଇବା ପାଇଁ ବୁଝାମଣା ସ୍ୱାକ୍ଷର ହୋଇଛି। ଏହି ପ୍ରକଳ୍ପରେ ମୋଟ୍ ୧୪୧.୫୦ କୋଟି ଟଙ୍କାର ବ୍ୟୟ ନିର୍ଦ୍ଧାରଣ କରାଯାଇଛି, ଯାହାକି ଜାତୀୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା ଏବଂ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହଭାଗିତା ଅଂଶଧନରେ ବ୍ୟବସ୍ଥିତ କରାଯାଇଛି ।

ଏହି ପ୍ରକଳ୍ପ ଯୋଜନା ଅନୁଯାୟୀ କାର୍ଯ୍ୟକାରୀ ହେବାକୁ ଥିବା ସଂଶୋଧନସବୁ ପ୍ରଥମେ ଭୂଦୃଶ୍ୟ ଏବଂ ସମ୍ମତି ମଡେଲକୁ ଅନୁସରଣ କରିବ । ଚାଷ ଜମିରୁ ଭୂଦୃଶ୍ୟ ପର୍ଯ୍ୟନ୍ତ ମୂଲ୍ୟଶୃଙ୍ଖଳ କାର୍ଯ୍ୟକ୍ରମର ଯୋଜନା କରାଯାଇଛି । ଏହା ଦ୍ୱାରା ଜଳ, ମାଟି, ଫସଲ ଏବଂ ମୂଲ୍ୟଶୃଙ୍ଖଳ ସୁଦୃଢ଼ ହୋଇପାରିବ । ପ୍ରତ୍ୟେକ ପଦକ୍ଷେପଗୁଡିକ ବ୍ଲକ ଗ୍ରାମଗୁଡିକର ଏକ ପୁଞ୍ଜ ଭାବରେ କାର୍ଯ୍ୟ କରିବ, ଯାହାଦ୍ୱାରା ଏହାର ସୁଫଳ କୃଷକମାନଙ୍କ ପାଖରେ ପହଞ୍ଚିପାରିବ। ଏକ ସରଳ ଡିଜିଟାଲ୍ ଡ୍ୟାସବୋର୍ଡ ଦ୍ୱାରା ଗ୍ରାମରୁ ରାଜ୍ୟ ପର୍ଯ୍ୟନ୍ତ ପ୍ରଗତି ଟ୍ରାକ୍ କରାଯିବା ସହ ସ୍ୱଚ୍ଛତା ଏବଂ ସମୟୋଚିତ କାର୍ଯ୍ୟ ସୁନିଶ୍ଚିତ କରାଯାଇପାରିବ ।

ରାଜ୍ୟ ଏବଂ କେନ୍ଦ୍ରୀୟ ଯୋଜନା ସହିତ ସମନ୍ୱୟ ମାଧ୍ୟମରେ ଏହି ପ୍ରକଳ୍ପ କୋମନା ବ୍ଲକ (ନୂଆପଡା), କୋଷାଗୁମୁଡା ବ୍ଲକ (ନବରଙ୍ଗପୁର) ଏବଂ ରରୁଆଁ ବ୍ଲକ (ମୟୂରଭଞ୍ଜ) ରେ ଆରମ୍ଭ ହେବ, ଯାହା ପ୍ରତ୍ୟକ୍ଷ ଭାବରେ ପ୍ରାୟ ୨୪,୦୦୦ ପରିବାର ନିକଟରେ ପହଞ୍ଚିପାରିବ।

ଚାଷୀମାନେ ଉତ୍ତମ *(ପୃଷ୍ଠା ୭ରେ)*



# 'ଗୋଟିଏ ଝିଅ ଦଶ ପୁଅ ସହିତ ସମାନ'

ନୂଆଦିଲ୍ଲୀ, ୨୨।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଝିଅମାନଙ୍କର ସମ୍ମାନ ଏବଂ ଶକ୍ତି ଉପରେ ଗୁରୁତ୍ୱାରୋପ କରି ଉଲ୍ଲେଖ କରିଛନ୍ତି ଯେ ୧୧ ବର୍ଷ ପୂର୍ବେ ଭାରତରେ ଝିଅମାନଙ୍କୁ ଲକ୍ଷ୍ମୀ ଭାବରେ ମାନୁଥିବା ବେଟି ବଚାଓ ବେଟି ପଢ଼ାଓ ଅଭିଯାନ ଆରମ୍ଭ ହୋଇଥିଲା। ସେ କହିଛନ୍ତି ଯେ ଏହା ଦେଶ ପାଇଁ ଗର୍ବର ବିଷୟ ଯେ ଆଜି ଭାରତର ଝିଅମାନେ ପ୍ରତ୍ୟେକ କ୍ଷେତ୍ରରେ ନୂତନ ରେକର୍ଡ ସ୍ଥାପନ କରୁଛନ୍ତି ଏବଂ ଦେଶର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ।ଏହି ଅବସରରେ, ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ସଂସ୍କୃତ ପ୍ରବାଦ ବାଣ୍ଟିଛନ୍ତି, ଯେଉଁଥିରେ ଭାରତୀୟ ସଂସ୍କୃତିରେ ଝିଅମାନଙ୍କର ଗୁରୁତ୍ୱ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ସେ ଲେଖିଛନ୍ତି, 'ଦଶପୁତ୍ରସମା କନ୍ୟା ଦଶପୁତ୍ରାଣ ପ୍ରବର୍ଦ୍ଧନ। ଯତ ଫଳମ୍ ଲଭତେ ମର୍ତ୍ତ୍ୟସ୍ତଲ୍ଲଭ୍ୟମ୍ କନ୍ୟାୟୟିକାୟ।'। ଏହି ପ୍ରବାଦର ଅର୍ଥ ହେଉଛି ଗୋଟିଏ ଝିଅ ଦଶ ପୁଅ ସହିତ ସମାନ। *(ପୃଷ୍ଠା ୭ରେ)*



# ୨୦୩୬ ସୁଦ୍ଧା ୯୦ ପ୍ରତିଶତ ଚାଷ ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯିବ

ଭୁବନେଶ୍ୱର, ୨୨।୧

ନ୍ୟୁଜ୍ ବ୍ୟୁରୋ

ଜଳର ସୁପରିଚାଳନା ବିନା କୃଷି, ଅର୍ଥନୈତିକ ଉନ୍ନତି ଓ ରାଜ୍ୟର ପ୍ରଗତି ଅସମ୍ଭବ। ପାଣି ପଞ୍ଚାୟତ ବ୍ୟବସ୍ଥା ଓଡିଶାର କୃଷି ଓ କୃଷକଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିଛି ବୋଲି ଲୋକସେବା ଭବନ କନଭେନ୍‌ସନ୍ ସେଣ୍ଟରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଗାମୀ ୫ ବର୍ଷ ମଧ୍ୟରେ ବୃହତ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଲିଫ୍ଟ ଇରିଗେସନ, ମେଗା ଲିଫ୍ଟ ଓ ଆଡିବନ୍ଧ ନିର୍ମାଣ ମାଧ୍ୟମରେ ୧୫ ଲକ୍ଷ ହେକ୍ଟର ଅତିରିକ୍ତ ଜମିକୁ ଜଳସେଚନ ଅନ୍ତର୍ଭୁକ୍ତ କରାଯିବ।

ସୂଚନା ଯୋଗ୍ୟ ଯେ, ବର୍ତ୍ତମାନ ରାଜ୍ୟରେ ୪୦,୩୮୦ ଗୋଟି ପାଣି ପଞ୍ଚାୟତ ସକ୍ରିୟ ଭାବେ କାର୍ଯ୍ୟ କରୁଥିବାବେଳେ, ସେଗୁଡିକ ମାଧ୍ୟମରେ ୨୪.୧୨ ଲକ୍ଷ ହେକ୍ଟର ଜମିର ଜଳସେଚନ ସଫଳତାର ସହ ପରିଚାଳିତ ହେଉଛି। ଓଡିଶା ପାଣି ପଞ୍ଚାୟତ ଆଇନ-୨୦୦୨ ଓ ତାହାର ସଂଶୋଧନ ମାଧ୍ୟମରେ ମହିଳା, ମତ୍ସ୍ୟଜୀବୀ ଓ ଜଳ ବ୍ୟବହାରକାରୀଙ୍କୁ ସମାନ ଅଧିକାର ଓ ସୁଯୋଗ ଦିଆଯାଇଛି।

ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ପ୍ରାଚୀନ ଜଳସେଚନ *(ପୃଷ୍ଠା ୭ରେ)*



# ୨୬ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୨୨।୧

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଜାନୁଆରୀ ୨୬ ତାରିଖରେ ସରକାରୀ ଛୁଟି ଦିବସ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସରକାରୀ ଛୁଟି ଥିବାରୁ ଆସନ୍ତା ସୋମବାର ଜାନୁଆରୀ ୨୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ।

ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦ ପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୪୩୨(-୨୨୯)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୧୪୫ (-୨୧୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୫୭୩ (-୧୭୨)

## ରୁପା ଦର

ରୂପା – ପ୍ରତି ଗ୍ରାମ ୩୪୦ (-୫)

## ଏକାଳ ପଖାଳ



ମା ବିଦ୍ୟାଦାତ୍ରୀ ବାଗ୍‌ଦେବୀ ହେ
ମୁଣ୍ଡେ ବୁଦ୍ଧି ସୁଦ୍ଧି ଦିଅ
ପିଲାଏ ଏବେ ଅମଣିଷ ପୂରା
କେଉଁଥିରେ ଯୋଗ୍ୟ ନୁହଁ
ଗୁରୁଜନଙ୍କୁ ମାରିଣ ଡିହ
ନର୍କରେ ନିଜ ଜୀବନ ବିତାନ୍ତି
ପୂଣ୍ୟ ଗଡାଉଛି ଲୁହ।

# ସରଣ୍ଡାରେ ସୁରକ୍ଷା ବାହିନୀର ବଡ଼ ଅପରେସନ୍ : ୧୬ ନକ୍ସଲ ନିହତ



ରାଉରକେଲା, ୨୨।୧

ନ୍ୟୁଜ୍ ବ୍ୟୁରୋ

ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମି ଜିଲ୍ଲାର ସରଣ୍ଡା ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଚାଲିଥିବା ଏନକାଉଣ୍ଟରରେ ଏକ ବଡ଼ ସଫଳତା ମିଳିଛି। ସୁରକ୍ଷା ବାହିନୀ ୧ କୋଟି ଟଙ୍କା ପୁରସ୍କାର ରାଶି ଥିବା କୁଖ୍ୟାତ ମାଓ ନେତା ଅନଲଙ୍କୁ ହତ୍ୟା କରିଛି। ଅନଲ ସିପିଆଇ (ମାଓବାଦୀ)ର କେନ୍ଦ୍ରୀୟ କମିଟି ସଦସ୍ୟ (ସିସିଏମ୍) ଥିଲେ ଏବଂ ଦୀର୍ଘ ଦିନ ଧରି ସୁରକ୍ଷା ବାହିନୀର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିଲେ ।ଏହି ଘଟଣା ଛୋଟାନାଗ୍ରାହ ଥାନା ଅଞ୍ଚଳରେ ଘଟିଥିବା ଜଣାପଡ଼ିଛି।

ସୁରକ୍ଷା ବାହିନୀ ଅଞ୍ଚଳରେ ଏକ ସର୍ଚ୍ଚ ଅପରେସନ୍ ଚଳାଇଛନ୍ତି। ଏନକାଉଣ୍ଟର ପରେ ସମଗ୍ର ଅଞ୍ଚଳରେ ହାଇ ଆଲର୍ଟ ଘୋଷଣା କରାଯାଇଛି ଏବଂ ଘଟଣାସ୍ଥଳରେ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଛି। ଝାଡ଼ଖଣ୍ଡରେ ଏତେ ସଂଖ୍ୟାରେ ମାଓବାଦୀ କେବେ ଏକକାଳୀନ ନିହତ ହୋଇନାହାଁନ୍ତି। ଏହା ପୁଲିସ ପାଇଁ ଏକ ବଡ଼ ସଫଳତା। ଅନଲଙ୍କ ସ୍କ୍ୱାଡ୍ କୋବ୍ରା-୨୦୯ ବାଟାଲିଅନ୍ ସହିତ ସିଧାସଳଖ ଏନକାଉଣ୍ଟରରେ ଲିପ୍ତ ହୋଇଥିଲା, ଯାହା ଫଳରେ ୧୬ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ସରଣ୍ଡାରେ ଏକ ନିର୍ଣ୍ଣାୟକ ଯୁଦ୍ଧ ଚାଲିଥିଲା।

ଏହି ଅପରେସନ *(ପୃଷ୍ଠା ୭ରେ)*

# ଦିଲ୍ଲୀର ରାଜପଥରେ ଗଣତନ୍ତ୍ର ଦିବସ ପରେଡ୍‌ରେ 'ବନ୍ଦେ ମାତରମ୍' ସ୍ଲୋଗାନ ପ୍ରତିଧ୍ୱନିତ ହେବ

ନୂଆଦିଲ୍ଲୀ, ୨୨।୧

କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଚଳିତ ବର୍ଷ ଗଣତନ୍ତ୍ର ଦିବସ ପରେଡ୍‌ରେ 'ବନ୍ଦେ ମାତରମ୍‌ର ୧୫୦ ବର୍ଷ' ବିଷୟବସ୍ତୁ ଉପରେ ଏକ ସ୍ୱତନ୍ତ୍ର ସାରଣୀ ଉପସ୍ଥାପନ କରିବେ।

ସଂସ୍କୃତି ମନ୍ତ୍ରଣାଳୟ ଅନୁଯାୟୀ, ଏହି ସାରଣୀ ଜାତୀୟ ଗୀତକୁ ଭାରତର ସଭ୍ୟତାଗତ ସ୍ମୃତି, ସାମୂହିକ ଚେତନା ଏବଂ ସାଂସ୍କୃତିକ ନିରନ୍ତରତାର ଏକ ଜୀବନ୍ତ ଅଭିବ୍ୟକ୍ତି ଭାବରେ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବ। ମନ୍ତ୍ରଣାଳୟ ସଚିବ ବିବେକ ଅଗ୍ରୱାଲ କହିଛନ୍ତି, 'ଭାରତର ସାରଣୀଗୁଡ଼ିକ କେବଳ ଆନୁଷ୍ଠାନିକ ପ୍ରଦର୍ଶନ ନୁହେଁ, ବରଂ ଦେଶର ସଭ୍ୟତାଗତ ସ୍ମୃତିର ଚଳପ୍ରଚଳ ରେକର୍ଡ। ସଂସ୍କୃତି କେବଳ ଗଣରାଜ୍ୟର ଅଳଙ୍କାର ନୁହେଁ, ବରଂ ଏହାର ଜୀବନ୍ତ ଆତ୍ମା।' ସେ ସ୍ପଷ୍ଟ କରିଥିଲେ ଯେ, ଅନ୍ୟ ସାରଣୀଗୁଡ଼ିକ ସଫଳତା ପ୍ରଦର୍ଶନ କରୁଥିବା ବେଳେ, ସଂସ୍କୃତି ମନ୍ତ୍ରଣାଳୟ ଧାରଣା ଏବଂ ଐତିହାସିକ ଅଭିଜ୍ଞତାକୁ ଏକ ସାଧାରଣ ଦୃଶ୍ୟ ଭାଷାରେ ବୁଝାଏ।

ଶ୍ରୀ ଅଗ୍ରୱାଲ ବନ୍ଦେ ମାତରମ୍‌ର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, ୧୮୭୫ ମସିହାରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା

# ଟ୍ରମ୍ପଙ୍କ ବୟାନ ଭାରତୀୟ ସେୟାର ବଜାରରେ ଆଣିଲା ନୂଆ ମୋଡ଼

ଭାରତୀୟ ଷ୍ଟକ୍ ବଜାରରେ ଗତ କିଛି ଦିନ ଧରି ଲଗାତାର ହ୍ରାସ ଦେଖାଯାଉଥିଲା, କିନ୍ତୁ ଏବେ ଏହି ହ୍ରାସ ବନ୍ଦ ହୋଇଛି । ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ଡୋନାଲ୍ଡ ଟ୍ରମ୍ପଙ୍କ ବୟାନ ପରେ, ସେନସେକ୍ସ ଏବଂ ନିଫ୍ଟିରେ ଚାଲିଥିବା ହ୍ରାସ ହଠାତ୍ ବନ୍ଦ ହୋଇଯାଇଛି । ସପ୍ତାହର ଚତୁର୍ଥ ବ୍ୟବସାୟିକ ଦିନ ଗୁରୁବାର, ବିଏସଇ ସେନସେକ୍ସ ୮୦୦ ପଏଣ୍ଟରେ ବଢ଼ିବା ସହିତ ନିଫ୍ଟିରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଦେଖାଦେଇଥିଲା । ଗୁରୁବାର ଷ୍ଟକ୍ ବଜାରରେ କାରବାର ବୃଦ୍ଧି ସହିତ ଆରମ୍ଭ ହୋଇଥିଲା । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ୩୦ ସେୟାର ବିଶିଷ୍ଟ ସେନସେକ୍ସ ୮୨ ହଜାର ୧୮୦ରେ ଖୋଲିଥିଲା, ଯାହା ଏହାର ପୂର୍ବବର୍ତ୍ତୀ ବନ୍ଦ ଥିବା ୮୧,୯୦୯ ଅଙ୍କଠୁ ବୃଦ୍ଧି ପାଇଥିଲା ଏବଂ ପରେ ୮୨ ହଜାର ୭୧୪ ସ୍ତରକୁ ଉର୍ଦ୍ଧ୍ୱେ ୮୦୦ ପଏଣ୍ଟ ବୃଦ୍ଧି ପାଇଥିଲା । ସେନସେକ୍ସ ପରି, ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ସୂଚକାଙ୍କ ମଧ୍ୟ ଦ୍ରୁତ ଗତିରେ ଚାଲିବା ଦେଖାଯାଇଥିଲା । NSEର ନିଫ୍ଟି ଖୋଲିବା ମାତ୍ରେ ୨୫୦ ପଏଣ୍ଟ ବୃଦ୍ଧି ପାଇ ୨୫ ହଜାର ୪୧୨ରେ ପହଞ୍ଚିଥିଲା, ଯାହା ଏହାର ପୂର୍ବ ବନ୍ଦରେ ୨୫ ହଜାର ୧୫୭ ଥିଲା । ଶେଷ ସତ୍ରରେ ବୁଧବାର ଦିନ ଭାରତୀୟ ଷ୍ଟକ୍ ବଜାର ଲଗାତାର ତୃତୀୟ ଦିନ ପାଇଁ ହ୍ରାସ ସହିତ ବନ୍ଦ ହୋଇଥିଲା । BSE ସେନସେକ୍ସ ଏହାର ପୂର୍ବ ବନ୍ଦ ୮୨ ହଜାର ୧୮୦ ତୁଳନାରେ ହ୍ରାସ ସହିତ ଖୋଲିଥିଲା ଏବଂ ଦିନସାରା ରେଡ୍ ଜୋନରେ କାରବାର କରିବା ପରେ, ଶେଷରେ ଏହା ୮୧ ହଜାର ୯୦୯ ସ୍ତରରେ ବନ୍ଦ ହୋଇଥିଲା, ଯାହା ୨୭୦.୮୪ ପଏଣ୍ଟ ହ୍ରାସ ପାଇଥିଲା । ଏହା ବ୍ୟତୀତ, NSE ନିଫ୍ଟି ସୂଚକାଙ୍କ ମଧ୍ୟ ମଙ୍ଗଳବାରର ବନ୍ଦ ୨୫ ହଜାର ୨୩୨ ତୁଳନାରେ ୧୦୦ ପଏଣ୍ଟ ହ୍ରାସ ପାଇବା ଆରମ୍ଭ କରିଥିଲା ଏବଂ ଖୋଲିବା ପରେ, ଏହା ସାରା ଦିନ ହ୍ରାସ ପାଇଥିଲା ଏବଂ ବଜାର ବନ୍ଦ ହେବା ସମୟରେ, ଏହି ସୂଚକାଙ୍କ ୭୫ ପଏଣ୍ଟ ହ୍ରାସ ପାଇ ୨୫ ହଜାର ୧୫୭ରେ ବନ୍ଦ ହୋଇଥିଲା ।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୫୨)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଚତୁର୍ଦ୍ଦିଗରେ ନିଷାର୍ଦ୍ଧର ଗମ୍ଭୀର ନିର୍ଜନତା । ରାତ୍ରୀଚର ପକ୍ଷୀମାନଙ୍କର ସମ୍ମିଳିତ ଚିକିରି ମିକିରି ଶବ୍ଦ ଗୁଡା ରାତ୍ରୀର ନିର୍ଜନତାକୁ ସମୟେ ସମୟେ ଅଶାନ୍ତ କରି ଦେଉଥାନ୍ତି । ଶ୍ୱାନ, ଶୃଗାଳମାନଙ୍କର ବିକଟ ଚିତ୍କାର ରାତ୍ରୀର ଗଭୀରତାକୁ ନିର୍ଣ୍ଣୟ କରିଦେଉଥାନ୍ତି । ବିଶର ଦେଖୁଛନ୍ତି ସ୍ୱପ୍ନ । ଦୁଇଜଣ ହୃଷ୍ଟପୁଷ୍ଟ ସୈନିକ ଧଳା ଘୋଡା, କଳା ଘୋଡା ଉପରେ ବସି କ୍ଷୀପ୍ର ଗତିରେ ମାଡି ଆସୁଛନ୍ତି ମହାବୀର ବାଟିକା ଆଡକୁ । ଘୋଡାଙ୍କ ଗଳାରେ ବନ୍ଧା ହୋଇଥିବା ଘୁଙ୍ଗୁରର ଶବ୍ଦରେ ନିର୍ଜନ ଅରଣ୍ୟଟା କମ୍ପିଉଠୁଛି । ମହାରାଜା ଗୋପୀନାଥ ନରେନ୍ଦ୍ରଙ୍କ ତତ୍ତ୍ୱାବଧାନରେ ନିର୍ମିତ ଅସ୍ଥାୟୀ ମନ୍ଦିର ମଧ୍ୟରେ ଯେଉଁଠି ମହାପ୍ରଭୁ ପୂଜା ପାଉଛନ୍ତି । ଠିକ ସେହିଠାରେ ଘୋଡାରୁ ଓହ୍ଲାଇ ପଡି ବିଶର ରହିଥିବା କୁଟୀର ଆଡକୁ ଧୀରେ ଧୀରେ ଅଗ୍ରସର ହେଉଛନ୍ତି ଦୁଇଟି ସୈନିକ । ଗୋଟିଏ ସୈନିକର ବର୍ଣ୍ଣ ଶ୍ୟାମଳ, ଆଉ ଗୋଟିଏ ସୈନିକର ରଙ୍ଗ ଗୌରବର୍ଣ୍ଣ । ଦୁଇଜଣଙ୍କ ଶରୀରରୁ ନିର୍ଗତ ହେଉଛି ଅପୂର୍ବ ଜ୍ୟୋତିର ଦିବ୍ୟ ଆଲୋକ ରଶ୍ମି । କୋଟି କୋଟି ଚନ୍ଦ୍ରମାଙ୍କ କମନୀୟ ଶୀତଳ ଆଲୋକ ରଶ୍ମିକୁ ନିଷ୍ପ୍ରଭ କରିଦେବା ଭଳି ଆଲୋକ ନିର୍ଗତ ହେଉଛି ଦୁଇ ଜଣ ସୈନିକଙ୍କ ଶରୀରରୁ । ଚୁଆ, ଚନ୍ଦନ ଓ ପଦ୍ମ ଫୁଲର ତାଙ୍କର ସାରା ଅରଣ୍ୟଟା ମହକି ଉଠୁଛି । ବିଶରଙ୍କ ଚକ୍ଷୁଦ୍ୱୟ ଝଲସି ଉଠୁଥାଏ । କୁଟୀର ସମ୍ମୁଖରେ ନିର୍ବାକ, ନିସ୍ପନ୍ଦ ଭାବରେ ଦଣ୍ଡାୟମାନ ହୋଇଥାନ୍ତି ବିଶର । ଅତିଶୟ ଆନନ୍ଦରେ ଅସ୍ଥିର ହୋଇ ପ୍ରଣାମ କଲେ ଏହି ଦୁଇ ଜଣ ଶକ୍ତିଶାଳୀ ସୈନିକଙ୍କୁ । କୋଟି କନ୍ଦର୍ପର ଶୋଭାକୁ ନିନ୍ଦା କଲା ଭଳି ଦୃଶ୍ୟମାନ ହେଉଛନ୍ତି ଦୁଇଜଣ ସୈନିକ । ଶ୍ୟାମଳ ବର୍ଣ୍ଣର ସୈନିକ ବିଶରଙ୍କ ମଥା ଉପରେ ହାତ ବୁଲାଇ ଆଣି ଅତିଶୟ ଆନନ୍ଦର ପ୍ରଶ୍ନକଲେ ''ବିଶର ତୁମେ କଣ ଆମମାନଙ୍କୁ ଏତେ ଶୀଘ୍ର ଭୁଲିଗଲ ? ବିଶର ହାତ ଯୋଡି ବଡ ବିନମ୍ରତାର ସହ କହିଲା 'ମୁଁ' ଚିହ୍ନି ପାରୁଛି, କିନ୍ତୁ ମୋର ସନ୍ଦେହ ହେଉଛି ଯଦି ଆପଣ ଠିକ ସେହି ପ୍ରଭୁ ହୋଇନଥିବେ ? ଦୁଇ ଜଣ ସୈନିକ ହସିଲେ । ସେ ହାସ୍ୟ ରୋଳର ସ୍ପନ୍ଦନ ଏପରି ହୋଇ ଗଲା ଯେ ବିଶରଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ଝରିପଡିଲା । ଶ୍ୟାମଳ ବର୍ଣ୍ଣର ସୈନିକଟି କହିଲେ 'ମୁଁ ହେଉଛି ଗୋପର କାହ୍ନା ଆଉ ଇଏ ହେଉଛନ୍ତି ମୋର ଅଗ୍ରଜ ବଳରାମ' ଏତିକି କହିବା ମାତ୍ରେ ବିଶର ଅତି ଆନନ୍ଦରେ ଅଧିର ହୋଇ କାହ୍ନାଙ୍କ ପାଦ ତଳେ ଲୋଟି ପଡିଲେ । କାହ୍ନାଙ୍କ ଚକ୍ଷୁରୁ ବି ଲୁହ ଝରୁଛି । କାହ୍ନା କୋଳେଇ ନେଲେ ବିଶରଙ୍କୁ, ନିଜ ଉତ୍ତରୀୟରେ ବିଶରଙ୍କ ଆଖିରୁ ଲୁହ ପୋଛିଦେଲେ । କାହ୍ନା କହିଲେ ବିଶର 'ତୁମେ ଆମ ପାଇଁ ଅଜସ୍ର କଷ୍ଟ ସହିସାରିଲଣି । ଆଉ ଦିନ କେତେଟା ଭିତରେ ଆମେ ପୁଣି ଫେରିଯିବା ଶ୍ରୀ କ୍ଷେତ୍ର 'ଏତିକି ମାତ୍ର କହିଦେବା ପରେ ସଙ୍ଗେ ସଙ୍ଗେ କେତୋଟି ମୁହୂର୍ତ୍ତ ମଧ୍ୟରେ ଶୂନ୍ୟ ହୋଇ ଗଲେ ଦୁଇ ଭାଇ । ହଠାତ ନିଦ ଭାଙ୍ଗି ଗଲା ବିଶର ମହାନ୍ତିଙ୍କର । କାହ୍ନା କାହ୍ନା ବୋଲି ଚିତ୍କାର କରୁଥାନ୍ତି । ଶବ୍ଦର ତରଙ୍ଗ ଏତେ ଶକ୍ତିଶାଳୀ ଥିଲା ଯେ ଅରଣ୍ୟର ରାତ୍ରୀଚର ପକ୍ଷୀ ଗୁଡାକ ବିଶୃଙ୍ଖିତ ଭାବେ ଉଡି ଉଡି ଚାଲି ଯାଉଥିଲେ । ନିଶାର୍ଦ୍ଧରେ କୁଟୀର ବାହାରକୁ ଆସି ତଟସ୍ଥ ଭାବରେ ଶୂନ୍ୟକୁ ଚାହିଁ ରହିଥାନ୍ତି । କାନକୁ ଖାଲି ଶୁଭୁଥାଏ ସମୁଦ୍ରର ଗର୍ଜନ । ରାତିରେ ସମୁଦ୍ରର ଗର୍ଜନଟା ଅତି ଭୟାନକ ଲାଗେ । ହାଲକା ଶୀତଳ ପବନରେ ବିଶରଙ୍କର ଦେହଟା ଥଣ୍ଡାରେ ଥରୁଥାଏ । ଆକାଶରେ ପାହାନ୍ତିଆ ତାରାଟା ଦପ୍ ଦପ୍ ହୋଇ ଜଳିଲାଣି । ଆଉ ନିଦ ନାହିଁ ବିଶରଙ୍କ



ଆଖିରେ । ଧୀରେ ଧୀରେ ରାତ୍ରିର ଅନ୍ତିମ ପ୍ରହର ସମାପ୍ତ ହୋଇ ଆସୁଛି । 'ଫସର ଫାଟି ଆସିବାର ପୂର୍ବାନୁମାନ କରୁଛନ୍ତି ବିଶର ମହାନ୍ତି । କୁଟୀର ମଧ୍ୟକୁ ଆସି ରାତିରେ ଦେଖିଥିବା ସେହି ଆଦ୍ୟ ଅବିସ୍ମରଣୀୟ ସ୍ୱପ୍ନକୁ ଭାବି ଭାବି ବିଚଳିତ ପ୍ରାୟ ହୋଇପଡୁଛନ୍ତି ବିଶର । କେତେବେଳେ ମହାପ୍ରଭୁଙ୍କ ଭଜନ ଖାଇ ନିଜେ ବିମୁଗଧ ହୋଇଯାଉଛନ୍ତି ତ ଆଉ କେତେ କ୍ଷଣ ମଧ୍ୟରେ ଭଜନ ପରିବର୍ତ୍ତେ ଗାଉଛନ୍ତି ଭାଗବତର ନବାକ୍ଷରୀ ଛାନ୍ଦ ।

ବିଶର ଭାବୁଛନ୍ତି ନିଜର ଆତ୍ମାକୁ ପ୍ରଶ୍ନ କରୁଛନ୍ତି ଯେ ମଣିଷ ଦେଖୁଥିଲା ସ୍ୱପ୍ନ ଗୁଡାକ ସବୁ ସତ ହୁଏ ? ଏମିତିରେ ଜୀବନ ତମାମ ଅନେକ ସ୍ୱପ୍ନ ସେ ରାତିରେ ଦେଖନ୍ତି । କିନ୍ତୁ କାହିଁ ତ ସେ ସବୁ ସ୍ୱପ୍ନ ସତ୍ୟରେ ରୂପାନ୍ତରିତ ହୋଇନାହିଁ । ତେବେ ଗତରାତିରେ ଦେଖିଥିବା ସ୍ୱପ୍ନ ଯେ ସତରେ ପରିଣତ ନ ହେବ ଏକଥା କିଏ ଜାଣିଛି । ହଁ ମନେ ପଡୁଛି ଏମିତି କେତେକ ଦୁର୍ଲ୍ଲଭ ସ୍ୱପ୍ନ ସେ ଜୀବନରେ ଦେଖିଛନ୍ତି । ଯାହା କି ତାଙ୍କ ଜୀବନର ଅନେକ କ୍ଷେତ୍ରରେ ବାସ୍ତବ ରୂପରେ ପ୍ରତିଫଳିତ ହୋଇଛି । ତେବେ ସେ ରାତିରେ ଯେଉଁ ସ୍ୱପ୍ନ ଦେଖୁଛନ୍ତି, ତାହାର କଣ ସାମାନ୍ୟ ବାସ୍ତବତା ନାହିଁ ? (କ୍ରମଶଃ...)

# ପୁରୀର ଷଣ୍ଢ



ମୃଣାଳମନ୍ତ୍ର
ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ପୁରୀ ବଡ଼ଦାଣ୍ଡରେ ଲୋକଗହଳି, ଭିକାରି, ଉଠା ଦୋକାନୀ, ଯାତ୍ରୀମାନଙ୍କୁ ସୁଲଭରେ ଦିଅଁ ଦର୍ଶନ ଓ ପୂଜା କରେଇବାର ପ୍ରତିଶୃତି ଦେଉଥିବା ପଣ୍ଡା ଗୁମାସ୍ତା, ରିକ୍ସା, ଟ୍ରାଫିକ୍ ପୋଲିସ୍ ଇତ୍ୟାଦିଙ୍କ ସହିତ ପ୍ରଚୁର ଷଣ୍ଢଙ୍କୁ ମଧ୍ୟ ଆପଣମାନେ ଦେଖିଥିବେ । ବିଭିନ୍ନ କିସମର ଷଣ୍ଢ । ଧଳା, କଳା, କସରା- ବିଭିନ୍ନ ରଙ୍ଗର, ବୁଢ଼ା, ଟୋକା, ମଧ୍ୟବୟସ୍କ- ବିଭିନ୍ନ ବୟସର, କ୍ଷୀଣକାୟ, ବୃହଦାକାୟ- ବିଭିନ୍ନ ଆକାରର ଷଣ୍ଢ । ବଡ଼ଦାଣ୍ଡ ମଝିରେ ଠିଆହୋଇଥିବେ, ଥାକୁଲ୍ ଥୁକୁଲ ହୋଇ ବୁଲୁଥିବେ, ପରିବା ବଜାରରୁ ଫଳଚୋପା, ପରିବାଚୋପା ଖାଉଥିବେ, ରାସ୍ତାରେ ହଗାମୁତା କରୁଥିବେ, ଜନଗହଳି, ଗାଡ଼ିମଟର ଚଳାଚଳକୁ ବେଖାତିର କରି ନିତାନ୍ତ ଉଦାସୀନ ଭାବେ ରାସ୍ତା ମଝିରେ ଶୋଇଥିବେ ।

ବେଳେବେଳେ ସେମାନେ ନିଜ ନିଜ ଭିତରେ ମାଡ଼ଗୋଳ ଲାଗନ୍ତି । ଶିଙ୍ଗରେ ଶିଙ୍ଗ ଲଗେଇ ଠେଲାପେଲା ହୁଅନ୍ତି । ବ୍ୟାପାରଟା ଅନେକଟା ସୁମୋ କୁସ୍ତି ପରି : କିଏ କାହାକୁ କେତେବାଟ ଠେଲି ନେଇ ଯାଇପାରିଲା । ସୁମୋ କୁସ୍ତିରେ ରିଙ୍ଗଟା ନିର୍ଦ୍ଦିଷ୍ଟ କରିଦିଆଯାଇଥାଏ । ରେଫେରୀ ଥାନ୍ତି । ଜଣେ ରିଙ୍ଗ୍ ବାହାରକୁ ବାହାରିଗଲେ ଲଢ଼େଇ ଶେଷ । ଷଣ୍ଢମାନଙ୍କର ଏତେକଥା ନାହିଁ । ଜଣେ ହାର ନ ମାନିଲା ଯାଏଁ ଲଢ଼େଇ ଚାଲିଥାଏ । ତେଣୁ ଠେଲାପେଲାଟା ଜୋର ହୋଇଯାଏ ଆଉ ବେଳେବେଳେ ସେମାନେ ଅଥାନଥାନକୁ ମାଡ଼ିଯାଆନ୍ତି । ଦେଖଣାହାରୀ ଲୋକମାନଙ୍କ ଉପରେ ଯାଇ ପଡ଼ନ୍ତି । ଗାଡ଼ିମଟର ଭାଙ୍ଗେ । ଉଠା ଦୋକାନ ଭାଙ୍ଗେ । ଲୋକଙ୍କ ହାତଗୋଡ଼ ଭାଙ୍ଗେ । ତଥାପି ଯେତେବେଳେବି ଦୁଇଟି ଷଣ୍ଢ ଲଢ଼େଇ କରନ୍ତି, ବହୁତ ଲୋକ ରୁଣ୍ଡ ହୋଇ ତାକୁ ଦେଖନ୍ତି । ଲୋକଙ୍କର କଣ, ସେମାନେ ସବୁପ୍ରକାର ଲଢ଼େଇ ଦୂରରୁ ଦେଖିବାକୁ ଭଲ ପାଆନ୍ତି । ନିଜର କ୍ଷତି ନ ହେଲା ଯାଏଁ ସେମାନେ ସବୁପ୍ରକାର ଲଢ଼େଇକୁ ଉପଭୋଗ କରନ୍ତି – ସିଏ ଇରାକ୍ ଯୁଦ୍ଧ ହେଉ କି ଷଣ୍ଢ ଲଢ଼େଇ । ହେଲେ ଯେଉଁ ମୁହୂର୍ତ୍ତରେ ନିଜର କିଛି କ୍ଷତି ହେଲା, ଫିଙ୍ଗିକି ଯାଇ ପାଟି କରନ୍ତି । ଯଦି ନିଜ ସାଇକଲଟି କିମ୍ବା ହାତଗୋଡ଼ କିମ୍ବା ଉଭୟ ଭାଙ୍ଗିଲା ତାହେଲେ ପାଟି କରନ୍ତି : ସହରରେ ଷଣ୍ଢ ଉତ୍ପାତ କରୁଛି, ମ୍ୟୁନିସିପାଲିଟି କିଛି କରୁନି, ପ୍ରଶାସନ କିଛି କରୁନି । ଷଣ୍ଢ ଯୋଗୁଁ ଯାନବାହନ ଚଳାଚଳରେ ବ୍ୟାଘାତ ଘଟୁଛି, ସେମାନେ ରାସ୍ତାରେ ହଗାମୁତା କରୁଛନ୍ତି, ପରିବେଶ ପ୍ରଦୁଷିତ ହେଉଛି, ଇତ୍ୟାଦି, ଇତ୍ୟାଦି । ଆଉ ନିଜର କିଛି କ୍ଷତି ହୋଇ ନଥିଲେ କହନ୍ତି : ଆହା ବିଚାରି ଷଣ୍ଢ ! ସେମାନେ କୁଆଡ଼େ ଯିବେ ଯେ ! ଏଇଠି ଥା । ସେମାନେ ଆମ ମହାନ ଭାରତୀୟ ସଂସ୍କୃତିର ବାହକ । ପୁରୀ ସହରରେ ଏତେ ସଂଖ୍ୟକ ଷଣ୍ଢ କଉଠୁ ଆସନ୍ତି, ସିଏ ଏକ ବଡ଼ ପ୍ରଶ୍ନ । ପୁରୀର ବହୁ ସ୍ଥାୟୀ ବାସିନ୍ଦାଙ୍କୁ ଏ ପ୍ରଶ୍ନ ପଚାରିଛି ମୁଁ । ସେମାନଙ୍କ କହିବା କଥା ହେଲା : ଆଜ୍ଞା ଷଣ୍ଢ ଆସନ୍ତିନି । ସେମାନଙ୍କୁ ଅଣାଯାଏ । – ମାନେ ?

– ମାନେ, ଅନେକେ ବିଭିନ୍ନ କାରଣରୁ ଦିଅଁଙ୍କ ପାଖରେ ଷଣ୍ଢ ଛାଡ଼ିବେ ବୋଲି ମାନସିକ କରନ୍ତି । ମାନସିକ ପୂରଣ ପାଇଁ ଷଣ୍ଢ ଆଣନ୍ତି । ପଣ୍ଡାକୁ ଗାମୁଛା ଦେଲେ, ଦକ୍ଷିଣା ଦେଲେ, ପୂଜା ପାଠ କଲେ, ତାପରେ ଷଣ୍ଢଟିକୁ ରାସ୍ତାରେ ବୁଲିବାକୁ ଛାଡ଼ିଦେଇ ଘରକୁ ଫେରିଗଲେ । ତାପରେ ସେ ଷଣ୍ଢ ଖାଇବ କଣ, ବଞ୍ଚିବ କେମିତି, ସେ ବିଷୟରେ କାହାରି କିଛି ଚିନ୍ତା ନାହିଁ । ଏମନ୍ତେ ପୁରୀକୁ ଆମଦାନୀ ହୋଇଥିବା ଷଣ୍ଢମାନେ ତହୁଁ ରାସ୍ତାରେ ରାସ୍ତାରେ ବୁଲନ୍ତି । ଉନ୍ଛ ବୃତ୍ତି କରି ପେଟ ପୋଷନ୍ତି । ସମସ୍ତଙ୍କ ମାଡ଼ଗାଳି ଖାଆନ୍ତି । ଯେଉଁମାନେ ଗାଇକୁ ମା ବୋଲି କହନ୍ତି, ଷଣ୍ଢକୁ ବାପା ବୋଲି ପୂଜା କରନ୍ତି, ସେମାନେବି ଏମାନଙ୍କ କଷ୍ଟ ଦେଖନ୍ତିନି । ଅବସରପ୍ରାପ୍ତ ବାପାର ପ୍ରଭିଡେଣ୍ଟ ଫଣ୍ଡଟି ହାତେଇ ନେବା ପରେ ଚାଲାକ ପୁଅ ଯେମିତି ବାପାକୁ ଆଉ ପଚାରେନି, ମାନସିକ ପୂରଣ ପାଇଁ ଷଣ୍ଢକୁ ଆଣି ପୁରୀ ବଡ଼ଦାଣ୍ଡରେ ଛାଡ଼ିଥିବା ଭକ୍ତ ତାକୁ ପୂରାପୂରି ଭୁଲିଯାଏ । ଷଣ୍ଢକୁ ଯିଏ ଯେମିତି ପାରିଲା ବ୍ୟବହାର କଲା । ଯିଏ ମାନସିକ କରିଥିଲା, ତା କାମ ହୋଇଗଲା, ଷଣ୍ଢକୁ ଛାଡ଼ିଦେଇ ସେ ତାର ହାତ ଧୋଇଦେଲା । ଆଉ କିଛି ଦାୟିତ୍ୱ ନାହିଁ । ଯେଉଁମାନେ ଗାଇ ଓ ଷଣ୍ଢକୁ ଧାର୍ମିକ ଦୃଷ୍ଟିରୁ ବ୍ୟବହାର ବ୍ୟବହାର କରନ୍ତି, ସେମାନେ ନିଜ ନିଜର ଭାଷଣଟି ମାନ ସାରିଦେଇ ଆନନ୍ଦରେ ରହିଲେ, ଷଣ୍ଢ କେମିତି ବଞ୍ଚୁଛି ସେଥିରେ ତାଙ୍କର କିଛି ଯାଏ ଆସେନି । ହେଲେ ଅନାହାରରେ ହେଉ ବା ରୋଗଭୋଗରେ- ଷଣ୍ଢଟିଏ ମରିଗଲେ, କିଛି ଲୋକଙ୍କ ଷଣ୍ଢପ୍ରେମ ବାହାରେ । ଷଣ୍ଢର ସତ୍କାର ଓ ତା ଆତ୍ମାର ସଦ୍‌ଗତି ପାଇଁ ଲୋକଙ୍କଠୁଁ ଚାନ୍ଦା ଉଠାଯାଏ । ହରିବୋଲ ହୁଳହୁଳି ସହକାରେ ମହା ଆଡ଼ମ୍ବରରେ ତାର ଶବ ସତ୍‌କାର କରାଯାଏ । ଆପଣଙ୍କ ଯଦି ସମୟ ଥାଏ, ତେବେ ଟିକେ ଲକ୍ଷ୍ୟ କଲେ ପୁରୀର ଷଣ୍ଢ ମାନଙ୍କ ଆଖିରେ ଏକ ବିଚିତ୍ର ପ୍ରକାରର ନିର୍ଲିପ୍ତତା ଦେଖିବେ । ଦେଖିବେ ବେଳେବେଳେ ସେମାନେ ମନକୁ ମନ ହସନ୍ତି । ସମ୍ପୂର୍ଣ୍ଣ ନିର୍ଲିପ୍ତ ହୋଇଗଲେ ମଣିଷ ସେମିତି ହସେ । କେବେ ଯଦି ଆପଣ ବୃଦ୍ଧାଶ୍ରମ ଯାଇଥିବେ, ନିଜ ସନ୍ତାନମାନଙ୍କ ଦ୍ୱାରା ଉପେକ୍ଷିତ ଅସହାୟ ବୃଦ୍ଧବୃଦ୍ଧାମାନଙ୍କ ଓଠରେ ସେ ହସ ଦେଖିପାରିବେ ଆପଣ । କ୍ରୋଧ ନୁହେଁ, ଅଭିମାନ ବି ନୁହେଁ, ଏକ ନିର୍ଲିପ୍ତ ହସ । ଆଉ ଦେଖିବେ ପୁରୀର ଷଣ୍ଢମାନଙ୍କ ଆଖିରେ । ହଁ ସୁଧୀଜନେ, ଷଣ୍ଡ ବି ହସେ ।

# ହୀରାଖଣ୍ଡର ହୀରା ବୀରସୁରେନ୍ଦ୍ର ସାଏ



ଅକ୍ଷୟ କୁମାର ରାଉତ
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ଇତିହାସ ପୃଷ୍ଠାରେ ଆମ ଦେଶ ଜାତି ପାଇଁ ସଂଗ୍ରାମ କରିଥିବା ବହୁ ବୀର ପୁରୁଷଙ୍କ ବୀରତ୍ୱର ଗାରିମା ଦେଖିବାକୁ ପାଉ । ଭାରତମାତାର ବୀର ସଂଗ୍ରାମୀମାନଙ୍କ ଦେଶପ୍ରେମ, ବୀରତ୍ୱଯୋଗୁଁ ଗର୍ବିତ ଓ ଗୌରବାନ୍ୱିତ । ପୃଥ୍ୱୀରାଜ,ମିବାରର ରାଣା ପ୍ରତାପ, ମରହଟ୍ଟା ବୀର ଛତ୍ରପତି ଶିବାଜୀ,ବକ୍‌ସି ଜଗବନ୍ଧୁଙ୍କ ସଂଗ୍ରାମର ଯେଉଁ ଦେଶପ୍ରେମ ଧାରାରେ ପ୍ଲାବିତ, ବୀରତ୍ୱ ଯେଉଁ ଜାତିର ସ୍ୱାଭିମାନର ପ୍ରତୀକ । ସେହି ଜାତିର ପ୍ରଥମ ଜନଜାଗରଣ ସିପାହୀ ବିଦ୍ରୋହର ନାୟକ ମଙ୍ଗଳ ପାଣ୍ଡେ, ଝାନ୍‌ସୀରାଣୀ ଲକ୍ଷ୍ମୀବାଈ,ନାନା ସାହେବ, ତାନ୍ତିଆଟୋପେ, ଅଯୋଧ୍ୟାର ବେଗମ୍, ପୁରୀର ଚନ୍ଦନ ହଜୁରୀ ଓ ହୀରାଖଣ୍ଡ ସାମ୍ରାଜ୍ୟ (ସମ୍ବଲପୁର ରାଜ୍ୟ)ର ହୀରୋ ମହାନ୍ ସଂଗ୍ରାମୀ, ବୀର, ବିପ୍ଳବୀ, ଦେଶପ୍ରେମୀ, ଚୌହାଣ ପରମ୍ପରାର ପ୍ରତୀକ ସମଲକେଶରୀ ଧର୍ମସିଂହଙ୍କ ପୁତ୍ର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଏହି ଜନ୍ମମାଟିକୁ ବିଦେଶୀ କବଳରୁ ମୁକ୍ତ କରିବାର ସଂକଳ୍ପକୁ ରୁଧିମନ୍ତ କରିଛି ।

ସମ୍ବଲପୁର ରାଜ୍ୟ ତଥା ଐତିହ୍ୟପୂର୍ଣ୍ଣ ଚୌହାନ୍‌ରାଜତ୍ୱ ଖ୍ରୀ:୧୫୫୨ରେ ନରସିଂହ ଦେବଙ୍କ ସାନଭାଇ ରାଜା ବଳରାମ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ବଳରାମ ଦେବଙ୍କ ପରେ ହ୍ରିଦେ ନାରାୟଣ ଦେବ, ବଳଭଦ୍ର ଦେବ, ମଧୁକର ସାଏ, ବଳୀୟାର ସିଂହ ଓ ଚୌହାଣ ବଂଶର ଶେଷରାଜା ମହାରାଜ ଛତ୍ର ସାଏ । ଚୌହାଣ ରାଜାମାନେ ୨୭୫ ବର୍ଷ ସମ୍ବଲପୁର ରାଜ୍ୟ ଶାସନ କରିଥିଲେ । ମଧୁକର ସାଏଙ୍କ ଛଅରାଣୀ ଏବଂ ପାଂଚ ପୁତ୍ର ଥିଲେ । ପ୍ରଥମ ପୁତ୍ର ବଳୀୟାର ସିଂହ ଅନ୍ୟମାନେ ହେଲେ ଅନିରୁଦ୍ଧ ସାଏ, ମଦନ ଗୋପାଳ, ବଂଶୀ ଗୋପାଳ ଓ ଅନନ୍ତ ସାଏ (କୃଷ୍ଣସିଂହ) । ମଧୁକର ସାଏ ବାନପ୍ରସ୍ଥ ଯିବାରୁ ଜ୍ୟେଷ୍ଠପୁତ୍ର ବଳୀୟାର ସିଂହ ସିଂହାସନ ଆରୋହଣ କଲେ । ରାଜା ବଳୀୟାର ସିଂହ ଅଠରଗଡ କରାୟତ କରି ହୀରାଖଣ୍ଡର ଛତ୍ରପତି ଉପାଧିରେ ଭୂଷିତ ହେଲେ ।

ଅନିରୁଦ୍ଧ ସାଏ ସମ୍ବଲପୁର ରାଜା ମଧୁକର ସାଏଙ୍କ ଠାରୁ ଖିଣ୍ଡା ଓ ରାଜପୁର ଅଂଚଳ ପାଇଥିଲେ ମଧ୍ୟ ସମ୍ବଲପୁରରେ ରହୁଥିଲେ । ଅନିରୁଦ୍ଧ ସାଏଙ୍କ ପାଂଚ ପୁତ୍ର ଥିଲେ । ସେମୋନେ ହେଲେ ରାମସିଂ, ଜଗନ୍ନାଥ ସିଂହ, ମଧୁସିଂହ, ଯଦୁସିଂହ ଓ ଅରୂପ ସିଂହ । ଅନିରୁଦ୍ଧ ସାଏଙ୍କ ତୃତୀୟ ପୁତ୍ର ମଧୁ(ମାଧବ) ସିଂହ ଖିଣ୍ଡା ଓ ରାଜପୁର ପ୍ରଗଣା ଦାୟିତ୍ୱ ବୁଝାସୁଝା କରୁଥିଲେ ମଧ୍ୟ ଅନିରୁଦ୍ଧଙ୍କ ବଂଶଧରମାନେ ସମ୍ବଲପୁର ପ୍ରାସାଦରେ ବସବାସ କରୁଥିଲେ । ମଧୁସିଂହଙ୍କର ତିନିପୁଅ, ସେମାନେ ହେଲେ ବାଲା ସିଂହ, ନରହରି ସିଂହ ଓ ଦିବ୍ୟସିଂହ । ଦିବ୍ୟସିଂହ (ଦ୍ରିପ୍ ସିଂହ)ଙ୍କର ତିନୋଟି ପୁତ୍ର ଥିଲେ । ସେମାନେ ହେଲେ ତେଜସିଂହ, କଲ୍ୟାଣ ସିଂହ ଓ ଗୁମାନ ସିଂହ, ତେଜସିଂହଙ୍କ ସମୟରେ ତାଙ୍କ ପରିବାର ଖିଣ୍ଡାକୁ ସ୍ଥାନାନ୍ତରିତ ହୋଇଥିଲେ । ତେଜସିଂହଙ୍କ ପାଂଚ ପୁଅଥିଲେ, ସେମାନେ ହେଲେ ଜରାବର, ମନୋହର, ବଳରାମ, ଅମରସିଂହ ଓ ଧର୍ମସିଂହ । ମନୋହର ସିଂହ ପ୍ରେମଜନିତ ଘଟଣାରୁ ନିହତ ହେଲେ । ଜରାବର, ବଳରାମ ଓ ଅମରସିଂହଙ୍କର ସନ୍ତାନସନ୍ତତି ନଥିବାରୁ ଧର୍ମସିଂହଙ୍କ ପ୍ରତି ଖିଣ୍ଡା ପରିବାରର ସ୍ନେହ ଓ ସଦିଚ୍ଛା ରହିଥିଲେ । ଅନିରୁଦ୍ଧ ସାଏଙ୍କ ଦ୍ୱିତୀୟ ପୁତ୍ର ଜଗନ୍ନାଥ ସିଂହଙ୍କ ଦୁଇପୁଅ ହେଲେ କୀର୍ତି ଓ ପୃଥ୍ୱୀ । ପୃଥ୍ୱୀଙ୍କ ତିନୋଟି ପୁଅଥିଲେ । ସେମାନେ ହେଲେ ରାଜ ସିଂହ, ସୁବଳ ସିଂହ ଓ ଅଜିତ ସିଂହ । ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ଖିଣ୍ଡା ବଂଶୀୟମାନେ ଥିଲେ ବିଶେଷ ପ୍ରଭାବଶାଳୀ । ଧର୍ମସିଂହ ୧୮୦୦ ଖ୍ରୀ:ରେ ଦରଗାଁ ଜମିଦାରଙ୍କ କନ୍ୟା ରେବତୀ ଦେବୀଙ୍କୁ ବିବାହ କରିଥିଲେ । ଧର୍ମସିଂହଙ୍କ ଔରସରୁ ଓ ରେବତୀ ଦେବୀଙ୍କ ଗର୍ଭରୁ ୧୮୦୯ ଖ୍ରୀଷ୍ଟାବ୍ଦ ଜାନୁଆରି ୨୩ ତାରିଖ ଦିନ ବୀର ସୁରେନ୍ଦ୍ର ସାଏ ଜନ୍ମଗ୍ରହଣ କରିଥିଲେ । ସୁରେନ୍ଦ୍ର ସାଏଙ୍କ ଛଅଗୋଟି ଭାଇ ଓ ଗୋଟିଏ ଭଉଣୀ ଥିଲେ । ସେମାନେହେଲେ ଉଦନ୍ତ ସାଏ, ଧ୍ରୁବସାଏ, ଉଜ୍ଜ୍ୱଳ ସାଏ, ଛବିଳ ସାଏ, ଜାଜ୍ୱଳ ସାଏ, ମେଦିନୀ ସାଏ, ଭଉଣୀ ଅଞ୍ଜନା । ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ପ୍ରଭାବଶାଳୀ ଦେୱାନ୍ ଆକବର ରାୟ ରାଜସୂପକାରଙ୍କୁ ହାତକରି ଖାଦ୍ୟରେ ବିଷ ଦେଇ ରାଜା ଅଜିତ୍ ସିଂହ ଓ ରାଜପୁତ୍ର ପ୍ରଦ୍ୟୁମ୍ନ ସିଂହଙ୍କୁ ହତ୍ୟା କରିଥିଲେ । ଅଜିତସିଂହଙ୍କ ରାଣୀ 'ରାମ ଖୁଆସିନା'ଙ୍କୁ ହତ୍ୟା କରାଗଲା । ଖିଣ୍ଡା ବଂଶୀୟମାନେ ଆକବର ରାୟଙ୍କ ବିପକ୍ଷରେ ଅସ୍ତ୍ରଧାରଣ କରିଥିଲେ । ସମ୍ବଲପୁର ରାଜଦରବାରର ଶେଷ ଚୌହାଣ ରାଜା ସାଏଙ୍କ ୧୮୨୭ ସ୍ୱର୍ଗାରୋହଣ ପରେ ରାଣୀ ମୋହନ କୁମାରୀ ଗାଦୀସୀନ ହେଲେ । ଖିଣ୍ଡା ପରିବାରର ପ୍ରଭାବଶାଳୀ, ସ୍ୱାଧୀନଚେତା ଓ ବିଚକ୍ଷଣ ବ୍ୟକ୍ତିତ୍ୱ ବଳରାମ ସାଏ ଦେବାନ ପଦରେ ନିଯୁକ୍ତ ହେଲେ । ଇଂରେଜମାନେ କୌଶଳକ୍ରମେ ବଳରାମ ସାଏଙ୍କୁ ଦେବାନ ପଦବୀରୁ ହଟାଇ ରାଜ୍ୟ ଶାସନ କଲେ । ୧୯୨୭ ରୁ ୧୮୩୩ ପର୍ଯ୍ୟନ୍ତ ରାଣୀମୋହନ କୁମାରୀଙ୍କ ନାମରେ ଶାସନ କାର୍ଯ୍ୟ ପରିଚାଳନା କଲେ । ଏହି ସମୟରେ ପିତୃବ୍ୟ ବଳରାମ ସାଏ ନିଜ ପୁତୁରା ସୁରେନ୍ଦ୍ର ସାଏଙ୍କ ପାଇଁ ଏକ ଭିତିଭୂମି ପ୍ରତିଷ୍ଠା କଲେ । ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମେ ଲଖନପୁରର ଜମିଦାର ବଳଭଦ୍ର ସିଂହଦାଓ ଆନ୍ଦୋଳନ ଆରମ୍ଭ କରିଦେଲେ ଓ ଏହାର ନେତୃତ୍ୱ ନେବାପାଇଁ ସୁରେନ୍ଦ୍ରସାଏଙ୍କୁ ପ୍ରବର୍ତାଇଥିଲେ । ସୁରେନ୍ଦ୍ରସାଏ ତତ୍କାଳୀନ ଛୋଟାନାଗପୁର ଅଧୀନରେ ଥିବା ହାତୀବାରି ଜମିଦାରଙ୍କ କନ୍ୟା ସୁବର୍ଣ୍ଣ କୁମାରୀଙ୍କୁ ବିବାହ କରିଥିଲେ । ୧୮୩୯ ଖ୍ରୀ:ରେ ସୁରେନ୍ଦ୍ର ସାଏଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା ତାର ନାମ ମିତ୍ରଭାନୁ ସାଏ, ପରେ ଏକ କନ୍ୟା ଜନ୍ମହୋଇଥିଲା ଏବଂ ତାଙ୍କ ଭଉଣୀଙ୍କ ପରି ଅବିବାହିତ ଥିଲା । ସୁରେନ୍ଦ୍ରସାଏଙ୍କ ସହଧର୍ମିଣୀ ସୁବର୍ଣ୍ଣ କୁମାରୀ ଜଣେ ଧର୍ମ ପରାୟଣ, ଆଦର୍ଶ, ଦୟାଳୁ ଓ ସ୍ନେହମୟୀ କ୍ଷତ୍ରିୟ ଗୃହିଣୀ ଥିଲେ । ସେ ସୁରେନ୍ଦ୍ରଙ୍କୁ ସାହାସୀ, ଧର୍ଯ୍ୟବାନ, ନିର୍ଭୀକ, ସଂଗ୍ରାମୀ ଓ ସ୍ୱାଧିନଚେତା ହେବା ପାଇଁ ପ୍ରେରଣା ଦେଉଥିଲେ । ଇଂରେଜମାନେ ରାଣୀ ମୋହନ କୁମାରୀକୁ ପେନ୍‌ସନ୍ ଦେଇ ପ୍ରଥମେ କଟକ ଓ ପରେ ଖୋର୍ଦ୍ଧାକୁ ପଠାଇଥିଲେ । ଏହାପରେ ନାରାୟଣ ସିଂହ ନାମକ ଜଣେ ବିବାଦୀୟ ବ୍ୟକ୍ତିଙ୍କୁ ସମ୍ବଲପୁର ରାଜଗାଦିରେ ବସାଇ ଶାସନ କାର୍ଯ୍ୟ ଚଳାଇଲେ, ଫଳରେ ବିପ୍ଳବର ବହ୍ନି ତେଜିଉଠିଲା । ଖିଣ୍ଡାବଂଶୀୟ ବଳରାମ ସାଏଙ୍କ ପରାମର୍ଶରେ ଓ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ରାଜ୍ୟରେ ଆନ୍ଦୋଳନ ଆରମ୍ଭ ହେଲା । ବାରପାହାଡର ଡେବୀରଗଡ ଦୁର୍ଗ, ବାରବଖରା, ମଉଳା-ଭଣଞ୍ଜା, ଝରଘାଟୀ, ମୁଣ୍ଡେଇଘାଟୀ, ପପଙ୍ଗା ପାହାଡ, ସିଂଘୋଡା ଘାଟି ଇତ୍ୟାଦି ବିଭିନ୍ନ ସ୍ଥାନର ଜମିଦାର, ଗୌନ୍ତିଆମାନେ ଓ ବିଦ୍ରୋହୀ ନେତାମାନଙ୍କ ନେତୃତ୍ୱରେ ଆଦିବାସୀ ସୈନ୍ୟମାନେ ପାରମ୍ପରିକ ଆସ୍ତ୍ରଶସ୍ତ୍ର ଧରି ସୁରେନ୍ଦ୍ରଙ୍କ ସପକ୍ଷରେ ରହିଲେ । ୧୮୩୭ରେ ବାରପାହାଡ ଗିରିଗୁମ୍ଫାରେ ବିଶ୍ରାମରତ ଥିବାବେଳେ, ଇଂରେଜସୈନ୍ୟ, ନାରାୟଣ ସିଂହଙ୍କ ସୈନ୍ୟ ଓ ରାମପୁର ଜମିଦାର ସୁରେନ୍ଦ୍ରଙ୍କ ଉପରେ ଆକ୍ରମଣ କଲେ । ଏହି ଯୁଦ୍ଧ ପାଇଁ ସୁରେନ୍ଦ୍ର ପ୍ରସ୍ତୁତ ନଥିଲେ । ବଳଭଦ୍ର ସିଂହଦାଓ ନିହତହେଲେ ଓ ସୁରେନ୍ଦ୍ର ଆହତ ଅବସ୍ଥାରେ ପଳାୟନ କଲେ । ବୀର ସୁରେନ୍ଦ୍ରସାଏ ୧୮୪୦ରେ ରାମପୁର ରାଜବାଟୀ ଆକ୍ରମଣ କରି ଜମିଦାର ଓ ତାଙ୍କ ପୁତ୍ରଙ୍କୁ ହତ୍ୟା କରି ରାଜବାଟି ସମ୍ପୂର୍ଣ୍ଣ ଧ୍ୱଂସ କରିଥିଲେ । ଏହାପରେ ସୁରେନ୍ଦ୍ରଙ୍କର ସାହସ ଓ ଶକ୍ତି ବୃଦ୍ଧି ପାଇଥିଲା । ରାମପୁରଗଡ଼ ବିଜୟକରି ସୁରେନ୍ଦ୍ରସାଏ ବିପ୍ଳବୀ ସୈନ୍ୟ, ବଳରାମସାଏ ଓ ଭାଇ ଉଦନ୍ତ ସାଏଙ୍କୁ ଧରି ସମ୍ବଲପୁର ସହର ନିକଟ ଦେଇ ଯିବାସମୟରେ ମେଜର ଓସ୍‌ଲେ ସୁଦକ୍ଷ ଇଂରେଜ ସୈନ୍ୟବାହିନୀ ସହିତ ଦେହେରୀ ପାଲି ନିକଟସ୍ଥ ବୁଢ଼ାରଜା ପାହାଡ ନିକଟରେ ସୁରେନ୍ଦ୍ରଙ୍କୁ ଆକ୍ରମଣକଲେ । ଏହି ଯୁଦ୍ଧରେ ମେଜର ଓସ୍‌ଲେ ସୁରେନ୍ଦ୍ର ସାଏ, ପିତୃବ୍ୟ ବଳରାମ ସାଏ ଓ ଭାଇ ଉଦନ୍ତ ସାଏଙ୍କୁ ବନ୍ଦୀକଲେ । ଦଣ୍ଡ ସ୍ୱରୂପ ଆଜୀବନ ବନ୍ଦୀ ଭାବରେ ହଜାରିବାଗ ଜେଲରେ ରହିଲେ । ୧୯୪୯ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ୧୦ ତାରିଖରେ ରାଜା ନାରଣସିଂହଙ୍କ ମୃତ୍ୟୁହେଲା । ରାଣୀ 'ମୁଖ୍ୟପାନଦେବୀ' ଖୁବ୍ ଅଳ୍ପ ସମୟ ଶାସନକରିଥିଲେ । ରାଜ୍ୟସ୍ୱତ୍ୱ ଲୋପନୀତି ଅନୁସାରେ ସମ୍ବଲପୁର ରାଜ୍ୟ ଶାସନ ଇଂରେଜମାନଙ୍କ ହାତକୁ ଚାଲିଯାଇଥିଲା । ରାଜକନ୍ୟା ଆଶାକୁମାରୀଙ୍କୁ କଳାହାଣ୍ଡି ରାଜପୁତ୍ର ସହ ବିବାହ ଇଂରେଜ କର୍ତୃପକ୍ଷ କରାଇଥିଲେ । ୧୮୫୭ ମସିହାରେ ସିପାହୀ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହେଲା । ୧୮୫୭ ଜୁଲାଇ ୩୦ ଦିନ ବିଦ୍ରୋହୀମାନେ ହଜାରିବାଗ ଜେଲଭାଙ୍ଗି ଦେଲେ । ୧୮୫୭ ମସିହା ଜୁଲାଇ ୩୧ ତାରିଖରେ ସୁରେନ୍ଦ୍ରସାଏ ଓ ତାର ଭାଇ ଉଦନ୍ତ ସାଏ ଜେଲ୍‌ରୁ ମୁକ୍ତ ହେଲେ, କିନ୍ତୁ ପିତୃବ୍ୟଙ୍କର ମୃତ୍ୟୁ ହୋଇସାରିଥିଲା ।

ସୁରେନ୍ଦ୍ର ସାଏ ନିଜ ଜନ୍ମଭୂମିରେ ପହଂଚିବାପରେ ସେମାନଙ୍କୁ ହଜାର ହଜାର ଲୋକ ସମର୍ଥନ ଜଣାଇଥିଲେ । ସୁରେନ୍ଦ୍ର ଇଂରେଜମାନଙ୍କୁ ମୁକାବିଲା କରିବା ପାଇଁ ଗରିଲା ରଣନୀତି ଆପଣାଇଥିଲେ । ଘଂଚବନାନୀ, ଗିରିଶୃଙ୍ଗଙ୍କୁ ବିପ୍ଳବିମାନେ ଆଶ୍ରୟସ୍ଥଳୀ ଭାବେ ବାଛି ନେଇଥିଲେ । ସୁରେନ୍ଦ୍ର ସାଏଙ୍କୁ ଶତଚେଷ୍ଟା ସତ୍ୱେ ଇଂରେଜମାନେ ଧରିପାରିନଥିଲେ । ସୁରେନ୍ଦ୍ର ସାଏ, ଗୋବିନ୍ଦ ସିଂହ ଓ କୁଞ୍ଜଲ ସିଂହଙ୍କୁ ଧରାଇଦେଲେ ଯଥାକ୍ରମେ ଏକ ହଜାର ଟଙ୍କା, ୫ଶହ ଟଙ୍କା ଓ ୨୫୦ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ମାତ୍ର କିଛି ଫଳ ହେଲାନାହିଁ । ଚକ୍ରାନ୍ତକାରୀଙ୍କ ଚକ୍ରାନ୍ତ, ଛଳନା ଓ ଚରମ ବିଶ୍ୱାସଘାତକତାର ଶିକାରହେଲେ ବୀରସୁରେନ୍ଦ୍ର ସାଏ । ଇଂରେଜ ଶାସକ ଇମ୍ପେଙ୍କ ଉଦାରନୀତି ଯୋଗୁଁ ବିଦ୍ରୋହୀମାନଙ୍କୁ ଆତ୍ମ ସମର୍ପଣ କରିବାର ସୁଯୋଗ ମିଳିଥିଲା । ୧୮୬୨ ମସିହା ମଇ ୧୬ ତାରିଖରେ ସୁରେନ୍ଦ୍ରସାଏ ତାଙ୍କର ଘନିଷ୍ଠ ସହକର୍ମୀ ଗଜରାଜ ସିଂ ଓ ଖଗେଶ୍ୱର ସିଂହଦାଓଙ୍କ ସହିତ ମେଜର ଇମ୍ପେଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ଇଂଲଣ୍ଡ ରାଣୀଙ୍କ ପକ୍ଷରୁ ଲଣ୍ଡନର ଇଣ୍ଡିଆ ଅଫିସ୍‌ରୁ ତା୧୭.୦୨.୧୮୬୩ ପତ୍ରାଙ୍କ ୧୧ ଅନୁସାରେ ସୁରେନ୍ଦ୍ର ସାଏଙ୍କୁ କ୍ଷମାପ୍ରଦାନ କରି ବଡଲାଟ ମଞ୍ଜୁର କରିଥିବା ବୃତିକୁ ଶେଷ ମଞ୍ଜୁରୀ ଦେଇଥିଲେ । ୧୮୬୪ରେ ଜେ.ଏସ୍ କେମ୍ପବେଲ୍ ସୁରେନ୍ଦ୍ର ଓ ସାଥୀମାନଙ୍କୁ ସମ୍ପୂର୍ଣ୍ଣ ମୁକ୍ତକରିବାକୁ ରାୟପ୍ରକାଶ କରିଥିଲେ । ୧୮୧୮ ଆଇନର ଅଧିନନିୟମ ୩ ଅନ୍ତର୍ଗତ 'ଭାରତ ରକ୍ଷା ଆଇନ' ବଳରେ ମଧ୍ୟପ୍ରଦେଶ ଚିଫ୍ କମିଶନର ସାର୍ ରିଚାର୍ଡ ଟେମ୍ପଲ୍ ସୁରେନ୍ଦ ସାଏ ଓ ଅନ୍ୟ ୬ ଜଣ ବିଦ୍ରୋହୀଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଲେ । ନିର୍ଦ୍ଦୋଷମାନଙ୍କୁ ଦଣ୍ଡଦେଇ ଇଂରେଜ କର୍ତୁପକ୍ଷ ଦୟାନିଧି ମେହେର ଓ ମୋହନ ସିଂହଙ୍କୁ ସୁରେନ୍ଦ୍ର ସାଏଙ୍କ ବିରୋଧରେ ଭଲ କାର୍ଯ୍ୟ କରିଥିବାରୁ ପୁରସ୍କୃତ କରିଥିଲେ । ୧୮୬୫ରେ ସୁରେନ୍ଦ୍ର ସାଏଙ୍କୁ ଅସୁରଗଡ ଗିରିଦୁର୍ଗରେ ବନ୍ଦୀ କରାଯାଇଥିଲା । ୧୮୮୪ ଫେବୃଆରି ୨୪ ତାରିଖରେ ଅସୁରଗଡ଼ ଦୁର୍ଗରେ ହିଁ ଏହି ମହାନ ବୀରଙ୍କ ଜୀବନ ଦୀପ ଲିଭିଯାଇଥିଲା । ଏହି ମହାନ୍ ବୀର ପୁରୁଷ ଓ ତାଙ୍କର ସହଯୋଗୀମାନେ ସମ୍ବଲପୁର ସମେତ ସାରା ଦେଶରେ ଯୁଗ ଯୁଗ ଧରି ଅମର ରହିବେ ।

# ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଭାରତର ସ୍ୱାଧୀନତା ପାଇଁ ଅଦମ୍ୟ ସଂଘର୍ଷ, ଅସୀମ ତ୍ୟାଗ ଓ ଅମର ଦେଶଭକ୍ତି



ଅର୍ଚ୍ଚିତା ଦାଶ
ଜଗନ୍ନାଥ ବିହାର, ନୂଆଗାଁ

ସୁଭାଷ ଚନ୍ଦ୍ର ବୋଷ ଭାରତର ଇତିହାସରେ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନୁହେଁ, ସେ ଥିଲେ ଅଗ୍ନି ସଦୃଶ ଦେଶଭକ୍ତି, ନିର୍ଭୀକ ସାହସ ଓ ଅଟୁଟ ସଙ୍କଳ୍ପର ଜୀବନ୍ତ ପ୍ରତୀକ । ଦାସତ୍ୱକୁ ସ୍ୱୀକାର କରିବାକୁ ସେ କେବେ ମନରୁ ମାନିନଥିଲେ । ଭାରତ ଯେତେବେଳେ ବିଦେଶୀ ଶାସନର ଶୃଙ୍ଖଳାରେ ବନ୍ଧା ଥିଲା, ଭୟ ଓ ଅନିଶ୍ଚୟ ଯେତେବେଳେ ଜନମାନସକୁ ଆକ୍ରାନ୍ତ କରିଥିଲା, ସେହି ସମୟରେ ସୁଭାଷ ଚନ୍ଦ୍ର ବୋଷ ହୋଇଉଠିଥିଲେ ଦାସତ୍ୱ ବିରୋଧୀ ଅଗ୍ନିଶିଖା । ସେ ଦେଶକୁ ସ୍ପଷ୍ଟ କରି କହିଥିଲେ ଯେ ସ୍ୱାଧୀନତା ଭିକ୍ଷାରେ ମିଳେନି, ଏହାକୁ ତ୍ୟାଗ, ସଂଘର୍ଷ ଓ ରକ୍ତଦାନ ଦ୍ୱାରା ହାସଲ କରିବାକୁ ପଡ଼େ । ସୁଭାଷ ଚନ୍ଦ୍ର ବୋଷ ଏକ ସୁସଂସ୍କୃତ, ଶିକ୍ଷିତ ଓ ସମୃଦ୍ଧ ପରିବାରରେ ଜନ୍ମ ନେଇଥିଲେ । ତାଙ୍କର ପାଠ୍ୟଜୀବନ ଅସାଧାରଣ ଥିଲା ଓ ସେ ବିଦେଶରେ ଅତ୍ୟନ୍ତ ଉଚ୍ଚ ପଦବୀ ପାଇବାର ସୁଯୋଗ ହାସଲ କରିଥିଲେ । କିନ୍ତୁ ଯେତେବେଳେ ତାଙ୍କ ଦେଶ ଦାସତ୍ୱରେ ଅଟକିଥିଲା, ସେତେବେଳେ ବ୍ୟକ୍ତିଗତ ସୁବିଧା, ସମ୍ମାନ ଓ ସୁରକ୍ଷା ତାଙ୍କ ପାଇଁ ଅର୍ଥହୀନ ହୋଇପଡ଼ିଥିଲା । ଏକ ସୁନିଶ୍ଚିତ ଉଜ୍ଜ୍ୱଳ ଭବିଷ୍ୟତକୁ ତ୍ୟାଗ କରି ସେ ଦେଶସେବାର ପଥକୁ ବାଛିନେଲେ । ଏହି ନିଷ୍ପତ୍ତି ତାଙ୍କ ଜୀବନର ପ୍ରଥମ ବଡ଼ ତ୍ୟାଗ ଥିଲା ଓ ଏହା ଦେଶପ୍ରେମର ଏକ ଅଦ୍ୱିତୀୟ ଦୃଷ୍ଟାନ୍ତ ହୋଇ ରହିଗଲା ।

ରାଜନୀତିରେ ପ୍ରବେଶ କରିବା ପରେ ସୁଭାଷ ଚନ୍ଦ୍ର ବୋଷ ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଏକ ନୂଆ ଦିଗ ଦେଇଥିଲେ । ସେ ବିଶ୍ୱାସ କରୁଥିଲେ ଯେ ବିଦେଶୀ ଶାସନ କେବଳ ଆଲୋଚନା ଓ ଅନୁରୋଧରେ ଶେଷ ହେବନି । ତାଙ୍କ ମତରେ ଦାସତ୍ୱକୁ ଭଙ୍ଗ କରିବା ପାଇଁ ଦୃଢ଼ ସଂକଳ୍ପ, ଦ୍ରୁତ କାର୍ଯ୍ୟ ଓ ସମ୍ପୂର୍ଣ୍ଣ ତ୍ୟାଗ ଆବଶ୍ୟକ । ସେ ଏକ ସଶକ୍ତ, ସ୍ୱାବଲମ୍ବୀ ଓ ଏକତାବଦ୍ଧ ଭାରତର ସ୍ୱପ୍ନ ଦେଖୁଥିଲେ, ଯେଉଁଠାରେ ସମାଜିକ ସମତା, ଶିଳ୍ପୀକରଣ ଓ ଜାତୀୟ ଗରିମା ପ୍ରଧାନ ସ୍ଥାନ ନେବ । ବିଦେଶୀ ଶାସକମାନେ ସୁଭାଷ ଚନ୍ଦ୍ର ବୋଷଙ୍କୁ ଭୟ କରୁଥିଲେ, କାରଣ ସେ ଥିଲେ ଏକ ଅନିୟନ୍ତ୍ରିତ ଓ ଅପରାଜେୟ ଚିନ୍ତାଧାରାର ପ୍ରତୀକ । ସେ ଅନେକଥର ଗିରଫ ହେଲେ, ଗୃହବନ୍ଦୀ ରହିଲେ, ନିରନ୍ତର ନିରୀକ୍ଷଣରେ ରହିଲେ । ତାଙ୍କ ସ୍ୱାସ୍ଥ୍ୟ ଅବନତି ହେଲା, କିନ୍ତୁ ମନୋବଳ କେବେ ଭାଙ୍ଗିଲା ନାହିଁ । ଗୃହବନ୍ଦୀ ଅବସ୍ଥାରୁ ତାଙ୍କ ଗୁପ୍ତ ପଳାୟନ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ସବୁଠାରୁ ସାହସିକ ଘଟଣା ଭାବେ ଇତିହାସରେ ଅମର ହୋଇ ରହିଛି । ସେ ଏହା ଦ୍ୱାରା ପ୍ରମାଣ କରିଥିଲେ ଯେ ଦୃଢ଼ ସଙ୍କଳ୍ପ ଥିଲେ କୌଣସି ଶୃଙ୍ଖଳା ମଣିଷକୁ ବାନ୍ଧି ରଖିପାରେ ନାହିଁ । ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନର ସବୁଠାରୁ ବିପ୍ଳବାତ୍ମକ ଅବଦାନ ହେଲା ଆଜାଦ ହିନ୍ଦ ସେନାର ନେତୃତ୍ୱ । ସେ ଏହାକୁ କେବଳ ଏକ ସେନା ନୁହେଁ, ଭାରତର ସ୍ୱାଧୀନତାର ଜୀବନ୍ତ ପ୍ରତୀକରେ ପରିଣତ କରିଥିଲେ । ଧର୍ମ, ଜାତି, ଭାଷା ଓ ଅଞ୍ଚଳର ସମସ୍ତ ଭେଦଭାବକୁ ଭୁଲି ଭାରତୀୟମାନେ ଏକ ଝଣ୍ଡା ତଳେ ଏକତ୍ରିତ ହୋଇଥିଲେ । ମହିଳାମାନଙ୍କ ପାଇଁ ରାଣୀ ଝାନ୍ସୀ ବାହିନୀ ଗଠନ କରି ସେ ସମାଜକୁ ଏକ ନୂଆ ସନ୍ଦେଶ ଦେଇଥିଲେ ଯେ ସ୍ୱାଧୀନତା ସଂଗ୍ରାମ କେବଳ ପୁରୁଷଙ୍କର ନୁହେଁ, ଏହା ମାତୃଶକ୍ତିର ମଧ୍ୟ ସମାନ ଅଧିକାର । ଆଜାଦ ହିନ୍ଦ ସେନା ସାମରିକ ଭାବେ ସଫଳ ହୋଇପାରିନଥିଲେ ମଧ୍ୟ, ତାହାର ପ୍ରଭାବ ଭାରତୀୟ ମନମଧ୍ୟରେ ଗଭୀର ଛାପ ଛାଡ଼ିଥିଲା । ସେନାଙ୍କ ମୁକଦ୍ଦମା ସମୟରେ ସମଗ୍ର ଦେଶ ଜାଗ୍ରତ ହୋଇଉଠିଥିଲା । ବିଦେଶୀ ଶାସନର ଭୟ ଭାଙ୍ଗିଯାଇଥିଲା ଓ ଭାରତୀୟ ସେନାମାନଙ୍କ ମନରେ ସ୍ୱାଧୀନତାର ଅଗ୍ନି ଜଳିଉଠିଥିଲା । ଏହି ମାନସିକ ପରିବର୍ତ୍ତନ ଦେଶକୁ ସ୍ୱାଧୀନତାର ଦ୍ୱାରପ୍ରାନ୍ତକୁ ନେଇଆସିଥିଲା । ସୁଭାଷ ଚନ୍ଦ୍ର ବୋଷଙ୍କ ମୃତ୍ୟୁକୁ ନେଇ ରହସ୍ୟ ଥିଲେ ମଧ୍ୟ, ତାଙ୍କ ତ୍ୟାଗ ଓ ଦେଶପ୍ରେମ ନେଇ କୌଣସି ସନ୍ଦେହ ନାହିଁ । ସେ ନିଜ ଜୀବନର ପ୍ରତ୍ୟେକ ଶ୍ୱାସକୁ ଦେଶ ପାଇଁ ଉତ୍ସର୍ଗ କରିଥିଲେ । ସେ ସ୍ୱାଧୀନ ଭାରତକୁ ଦେଖିପାରିନଥିଲେ, କିନ୍ତୁ ସ୍ୱାଧୀନତାର ପ୍ରତ୍ୟେକ ମୁହୂର୍ତ୍ତରେ ତାଙ୍କ ଆତ୍ମାର ଉପସ୍ଥିତି ଅନୁଭୂତ ହୁଏ । ଆଜିର ସ୍ୱାଧୀନ ଭାରତରେ ସୁଭାଷ ଚନ୍ଦ୍ର ବୋଷ ଆମକୁ ସ୍ମରଣ କରାନ୍ତି ଯେ ସ୍ୱାଧୀନତା ଏକ ସହଜ ଉପହାର ନୁହେଁ, ଏହା ଅସୀମ ତ୍ୟାଗର ଫଳ । ସେ ଶିଖାଇଦେଲେ ଯେ ଦେଶପ୍ରେମ କଥାରେ ନୁହେଁ, କାର୍ଯ୍ୟରେ ପ୍ରକାଶ ପାଏ । ଯେପର୍ଯ୍ୟନ୍ତ ଭାରତ ସାହସ, ଆତ୍ମସମ୍ମାନ ଓ ସ୍ୱାଧୀନତାର ମୂଲ୍ୟ ବୁଝିବ, ସେପର୍ଯ୍ୟନ୍ତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅମର ହୋଇ ରହିବେ, ଏକ ଲିଭିନଥିବା ଦେଶଭକ୍ତିର ଦୀପଶିଖା ଭାବେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ରାମୁକାକାଙ୍କ ଆଳୁ ପରଟା

▶ ସନ୍ତୋଷ କୁମାର ପଣ୍ଡା

ରାମୁ କାକାଙ୍କ 'ଦେଶୀ ଢାବା' ସେହି ଅଞ୍ଚଳରେ ଖୁବ୍ ପ୍ରସିଦ୍ଧ ଥିଲା । କିନ୍ତୁ ସେଠାକାର ସବୁଠୁ ରୋମାଞ୍ଚକର ଜିନିଷ ଥିଲା ରାମୁ କାକାଙ୍କ ହାତତିଆରି 'କୁହୁକ ଆଳୁ ପରଟା' । କୁହାଯାଏ, ସେହି ପରଟା ଖାଇଲେ ମଣିଷ ନିଜର ସବୁ ଦୁଃଖ ଭୁଲିଯାଏ ।ସେହି ଗାଁରେ ରହୁଥିବା ରୋହିତ ଥିଲା ଜଣେ ଚତୁର ବ୍ୟକ୍ତି । ସେ ସବୁବେଳେ ଭାବୁଥିଲା, ରାମୁ କାକା ପରଟା ଭିତରେ ଏମିତି କ'ଣ ପୂରାଉଛନ୍ତି ଯେ ତାହା ଏତେ ସ୍ୱାଦିଷ୍ଟ ହେଉଛି ? ସେ ସ୍ଥିର କଲା ଯେ ସେ ଏହି ରହସ୍ୟର ପର୍ଦ୍ଦାଫାଶ କରିବ । ଗୋଟିଏ ରବିବାର ସକାଳେ, ରୋହିତ ଚୁପଚାପ୍ ଢାବା ପଛପଟେ ଲୁଚି ରହିଲା । ସେ ଦେଖିଲା ରାମୁ କାକା ଏକ ପୁରୁଣା ପଥର ପେଷଣାରେ କିଛି ମସଲା ପେଷୁଛନ୍ତି ଏବଂ ଗୁଣୁଗୁଣୁ ହୋଇ କିଛି ଗୀତ ଗାଉଛନ୍ତି ।

ରାମୁ କାକା କିଛି ସମୟ ପାଇଁ ବାହାରକୁ ଯିବା ମାତ୍ରେ, ରୋହିତ ରୋଷେଇ ଘର ଭିତରକୁ ପଶିଗଲା । ସେଠାରେ ସେ ଦେଖିଲା:ସିଝା ଆଳୁର ଏକ ବଡ଼ ଗଦା । କଟା ହୋଇଥିବା କଞ୍ଚା ଲଙ୍କା, ପିଆଜ ଏବଂ ଧନିଆ ପତ୍ର । ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ—ଏକ ଛୋଟ ନାଲି ରଙ୍ଗର ଡବା । ରୋହିତ ଭାବିଲା, 'ଏଇଟା ହିଁ ସେହି ଗୁପ୍ତ ମସଲା !' ସେ ଡବାଟି ଖୋଲିବାକୁ ଯାଉଥିବା ବେଳେ ହଠାତ୍ ପଛରୁ ଶୁଭିଲା— 'କ'ଣ ଖୋଜୁଛ ବାବୁ ? ରୋହିତ ଡରିଗଲା । ପଛକୁ ଚାହିଁ ଦେଖିଲା ରାମୁ କାକା ହସୁଛନ୍ତି । ରାମୁ କାକା କହିଲେ, 'ସେହି ଡବା ଭିତରେ କିଛି ନାହିଁ ବାବୁ, ଖାଲି ଶୁଖିଲା ଆମ୍ବ ଚୂର୍ଣ୍ଣ (ଆମଚୁର) ଅଛି ।' ରୋହିତ ଆଶ୍ଚର୍ଯ୍ୟ ହୋଇ ପଚାରିଲା, 'ତାହେଲେ ଆପଣଙ୍କ ପରଟା ଏତେ ସ୍ୱାଦିଷ୍ଟ କେମିତି ହୁଏ ? କିଛି ତ ରହସ୍ୟ ଥିବ !' ରାମୁ କାକା ହସିଲେ ଏବଂ ରୋହିତକୁ ପାଖରେ ବସାଇ କହିଲେ, 'ରହସ୍ୟ ମସଲାରେ ନାହିଁ,



ବରଂ ତିଆରି କରିବା ଶୈଳୀରେ ଅଛି ।' ସେ ରୋହିତକୁ ତିନୋଟି ମୁଖ୍ୟ କଥା ଶିଖାଇଲେ । ଆଳୁକୁ ଗରମ ଥିବା ବେଳେ ଚକଟିବା ଅପେକ୍ଷା ଥଣ୍ଡା କରି ଚକଟିଲେ ପରଟା ଫାଟେ ନାହିଁ ।

ପରଟାକୁ କମ୍ ନିଆଁରେ ବହୁତ ସମୟ ଧରି ସେକିଲେ ତାହା ବାହାରୁ କ୍ରିସପି (Crispy) ହୁଏ । ପରଟା ଭିତରେ ପୁର ଦେବା ବେଳେ ସାମାନ୍ୟ କଳା ଲୁଣ ଏବଂ ଅଜୱାଇନ(ଜୁଆଣି) ପକାଇଲେ ତାହା ପେଟ ପାଇଁ ଭଲ ଏବଂ ବାସ୍ନା ଚମତ୍କାର ହୁଏ । ସେଦିନ ରୋହିତ ବୁଝିପାରିଲା ଯେ କୌଣସି କୁହୁକ ମସଲା ନୁହେଁ, ବରଂ ଧୈର୍ଯ୍ୟ ଏବଂ ସଠିକ୍ ପଦ୍ଧତି ହିଁ ଖାଦ୍ୟକୁ ସ୍ୱାଦିଷ୍ଟ ବନାଏ । ସେଦିନ ରାମୁ କାକା ନିଜ ହାତରେ ରୋହିତକୁ ଏକ ଗରମ ଗରମ ଆଳୁ ପରଟା ସହିତ ଘର ତିଆରି ଲହୁଣୀ ଖାଇବାକୁ ଦେଲେ । ରୋହିତ ପାଇଁ ସେଇଟା ଥିଲା ଜୀବନର ସବୁଠୁ ରୋମାଞ୍ଚକର 'ବ୍ରେକଫାଷ୍ଟ' ।

କଟକ
୮୨୪୯୦୨୧୪୨୪

# ହିଟଲର

▶ ସୁନନ୍ଦା ମହାନ୍ତି

ସପ୍ତାହରଶେଷ ଦିନ ରବିବାର, ସ୍କୁଲ ଛୁଟି । ଛୁଟି ତ ଛୁଟି ପୁଣି ରବିବାର ଛୁଟି । ମୁନା ଗଡେଇ ତଡେଇ ହୋଇ ଶୋଉଥିଲା ପଛେ ଅଳସ ତେଜି ଉଠୁ ନଥିଲା, ଜେଜେ ମାଆ ଡାକ ଛାଡିଲେ । କହିଲେ ଅଳସୁଆ ଦୁଃଖ ପାଏ । ଉଠୁ ଉଠୁ ଚଞ୍ଚଳ ଉଠୁ ଦେଖିବୁ କେମିତି ଠାକୁର ଘରେ ଦୀପ ସଳିତାରେ ଜଗନ୍ନାଥ ଆବିର୍ଭାବ ହୋଇଛନ୍ତି । ଆଶ୍ଚର୍ଯ୍ୟରେ ଆଖି ମଳି ମଳି ଉଠିଲା ମୁନା । ଭାବିଲା ଘରେ ମୂଷା ଗୁଡାକ ଭାରି ହଇରାଣ କରୁଛନ୍ତି ବୋଲି ଜେଜେମାଆ, ଜେଜେଙ୍କୁ କହି ମୂଷା ଧରା ଯନ୍ତା କିଣି ଆଣି ସେଥିରେ ରୁଟି, ଛେନା, କଦଳୀ ଇତ୍ୟାଦି ଯେତେ ଯାହା ରଖିଲେ ମଧ୍ୟ ମୂଷା ପଶୁନାହାନ୍ତି ବରଂ ଖସି ଯାଉଛନ୍ତି । ଯାହା ତ ଶସ୍ୟ ନଷ୍ଟ କରୁଛନ୍ତି ବୋଲି ମୁନା ବାପା ଖୁବ ବ୍ୟସ୍ତ । ସେଥିପାଇଁ ସେ ସବୁଆଡେ ଗନ୍ଧ କର୍ପୁର ଦେଇ ରଖିଛନ୍ତି ଶସ୍ୟ ସାଇତି । ମୂଷା ପଲ ତଥାପି ମାନିବାର ନାହିଁ । ଲୁଗାପଟା କାଟି କୁଟି କଣା କରୁଛନ୍ତି ବୋଲି ମୁନାର ବୋଉ ମନ ଦୁଃଖ କରି ଘରେ ଝୁଣା ଦେଇ ଯେତେ ଯାହା କଲେ ମଧ୍ୟ ଟିକେ ଅଣହୁସିଆର ହେଲେ କଥା ସରିଲା । ଲୁଗା ପଟା ଆଉ ଆଲେଣାରେ ରହୁନି କିନ୍ତୁ କମ୍ବଳ ଚାଦରକୁ ତ ଆଉ ସବୁଦିନ ଆଲମିରା କି ସିନ୍ଦୁକ ଅବା ଟ୍ରଙ୍କରେ ରଖିହେବନି ଏ ଶୀତ ଦିନେ ! ମୂଷା ଏତେ କଥା କରିବା ସହ ଏବେ ଜେଜେମାଆଙ୍କ ଠାକୁର ଘର ଉପରେ ନଜର ପକେଇଛି । ଜଳୁଥିବା ଅଖଣ୍ଡ ଦୀପରୁ ବଳିତା କାଢିନେଉଛି । ଅଲକ୍ଷେଣା ମୂଷାର ଆଜି ଦିନେକୁ ମୋର ଦିନେ କହି ଜେଜେମାଆ, ଜେଜେଙ୍କୁ ମୂଷାମରା ଔଷଧ ଆଣିବାକୁ କହିବାରୁ ସେ ରାଜି ହୋଇଗଲେ । ତାଙ୍କ ଚଷମା ମୂଷା ଫିଙ୍ଗିଦେଇଥିଲା କୋଉଠି ଘରେ । ପୁଣି ଜେଜେଙ୍କ ବଙ୍କୁଲି ବାଡ଼ି ଅଗ୍ରରେ ଲାଗିଥିବା ସୁନାପରି ଦିଶୁଥିବା ଓ ଚକ ଚକ କରୁଥିବା ବଇଠିଟିକୁ ଦାନ୍ତ ଲଗେଇ ଚେପା କରିବା ପରେ ଏବେ ଏବେ କୁଆଡେ ଫୋପାଡି ଦେଇଛିତ, ଜେଜେ ପାଉନାହାଁନ୍ତି ସେଇଟିକୁ । ସେ ପିତ୍ତଳ ପରି ଧାତୁର ବଇଠି ନଥାଇ ବଙ୍କୁଲି ବାଡ଼ିଟି ଆଉ ପୂର୍ବ ପରି ଦେଖାଯାଉନଥିବାରୁ ଜେଜେ ମଧ୍ୟ ମୂଷା ମରା ଔଷଧ ଆଣିବାକୁ ରାଜି ହୋଇଗଲେ । ମୁନା ସେଦିନ ଏଡ଼େ ଶୀତରେ କମଳ ତଳେ କାନ୍ଦୁଥିଲା । ମୂଷା ଗଣେଶଙ୍କ ବାହନ ବୋଲି ନିଜେ କହିଥିବା ବାପା ପ୍ରତିବାଦ କଲେନାହିଁ । ବୋଉ ସୁନ୍ଦର ଚିତ୍ର ଅଙ୍କନ କରେ । ସେ ମଧ୍ୟ ଗଣେଶଙ୍କ ଚିତ୍ରପଟ ଓ ଛୋଟ ମୂଷା ଚିତ୍ରଟିଏ ଅଙ୍କନ କରି କହୁଥିଲା ପ୍ରଭୁ ତୁମେ ସତରେ ଜୀବନ୍ତ ରୂପେ ଆସନ୍ତ ନାହିଁ କାନଭାସକୁ ମୋ ଚିତ୍ରପଟ ଆହୁରି ସରସ, ସତେଜ ଓ ସୁନ୍ଦର ଦିଶନ୍ତା ! ଏବେ ଜୀବନ୍ତ ମୂଷା ଆସୁଥିଲେ ବି ତାକୁ ବିଷ ଦେଇ ମାରିବାକୁ ଜେଜେମାଆ ଚିନ୍ତା କଲାବେଳେ ବୋଉ ବି ଚୁପ ରହିଥିବାରୁ ଦେଖି ମୁନା ବୁଝିଗଲା କି ମୂଷାର ଆଉ ରକ୍ଷା ନାହିଁ । ସେ ଅପେକ୍ଷା କଲା । ସମସ୍ତେ ଶୋଇ ସାରିବା ପରେ ପାଦ ଚିପି ଚିପି ଠାକୁର ଘରକୁ ଯାଇ ଗଣେଷଙ୍କୁ କେତେ ନେହୁରା ହେଲା ତୁମ ବାହାନକୁ ତୁମେ ରକ୍ଷା କର ଓ ତାର ଦୁଷ୍ଟ ବୁଦ୍ଧିକୁ ପରିହାର କର ପ୍ରଭୁ କହି ବିଷ ପୁଡିଆ ନେଇ ଲାର୍ଟିନରେ ପକାଇ ଦେଇ ନିଘୋଡ଼ ନିଦରେ



ଶୋଇଗଲା । କାଲି ରବିବାର ଛୁଟି । କେହି ଆଉ ତାକୁ ଉଠେଇବେନି । ସେ ଛୁଟି ଦିନ ଢେର ସମୟ ଯାଏଁ କମ୍ବଳ ଢାଙ୍କି ଶୋଇଯିବ ।

ଜେଜେମାଆ ଡାକ ଓ ତାଙ୍କ କଥାରେ ମୁନା ଭାବୁଥିଲା ସବୁଦିନ ପରି ଆଜି ମୂଷା କଣ ଅଖଣ୍ଡ ଦୀପର ବଳିତା ନେଇନି ? ତେବେ ଗଣେଶ ପ୍ରଭୁ ତାକୁ କୁବୁଦ୍ଧି ପରିବର୍ତ୍ତେ ସୁବୁଦ୍ଧି ଦେଲେ ନା କଣ ! ଜେଜେମାଆ ଅନ୍ୟ କେଉଁଠି ଲୁଚାଇ ରଖିଥିବା ମୂଷା ମରା ଔଷଧ ଗୋଳେଇ ମୂଷାକୁ ମାରିଦେଇଛି କି ! କିଛି ବୁଝିପାରୁନଥିଲା ମୁନା । ଘର ସାରା ଝୁଣା ଧୂପରେ ମହକୁଥିଲା । ସମସ୍ତେ ଖୁସି ଥିଲେ କାରଣ ଠାକୁର ସ୍ୱୟଂ ଜଗନ୍ନାଥ ମୁନା ଘର ଠାକୁର ଘରେ ଦୀପ ଶିଖାରେ ବିରାଜମାନ ହୋଇଛନ୍ତି । ପ୍ରଜାପତି ଡେଣାରେ ଥରେ ଜଗନ୍ନାଥଙ୍କ ଦୁଇ ଚକା ଚକା ନୟନ ଦେଖି ଜେଜେମାଆ ପ୍ରଜାପତିକୁ କେତେ ମୁଣ୍ଡିଆ ମାରୁ ମାରୁ ସେ ଉଡି ଯାଇଥିଲା । ଆଜି ଜେଜେମାଆ ଖୁବ ଖୁସି ଥିବେ କିନ୍ତୁ ମୁନା ଅଲଗା କଥା ଭାବୁଥିଲା ବେଳେ ସମସ୍ତେ କହିବାରୁ ତରତର ହୋଇ ନିତ୍ୟ କର୍ମ ସାରି ଆକାଶର ଠାକୁର ସୂର୍ଯ୍ୟଙ୍କୁ ପାଣି ଅର୍ପଣ କରିବା ପରେ ଠାକୁର ଘରକୁ ଯାଇ ପାଟି କରିଉଠିଲା ଏ ତ ଗଣେଶ ପ୍ରଭୁ । ତୁମ ସମସ୍ତଙ୍କୁ ଜଗନ୍ନାଥଙ୍କ ଦୁଇ ଆଖିର ଭେଳିକି ଲାଗିଥିବାରୁ ତୁମେ କେବଳ ଦୁଇ ଆଖିକୁ ଦେଖି ଜଗନ୍ନାଥ କହୁଛ କିନ୍ତୁ ମଝିରୁ ବାହାରି ଥିବା ଶୁଣ୍ଢଟିକୁ ଅଣଦେଖା କରିଯାଇଛ । ଆରେ ହଁ । ସତେତ ! ମୁନା ପୁଣି ପାଟି କରୁଥିଲା ଏଇ ଟିକେ ତଳକୁ ଦେଖ ଟିକି ମୂଷାଟିଏ ପରି ଦୀପଫୁଲ ଜଳୁଛି କେମିତି ଦାଉ ଦାଉ । ସମସ୍ତେ ହେ ପ୍ରଭୁ ଜଗନ୍ନାଥ, ହେ ପ୍ରଭୁ ବିଘ୍ନ ବିନାଶନ ପ୍ରଭୁ ଗଣନାଥ କହୁଥିଲା ବେଳେ ବାପା ଆଣିଥିବା ବିଲେଇଟି ଟିକେ ଦୂରରେ ରହି କହୁଥିଲା ମିଆଁଉ ମିଆଁଉ । ଏଥର ମୁନା ବୁଝିପାରିଲା ମୂଷା ବା ମୂଷାମାନେ ଘରୁ କୁଆଡେ ଗଲେ ଓ କାହିଁକି ଗତ ରାତିରେ ଅଖଣ୍ଡ ଦୀପର ସଳିତା କାଢି ନେଇ ପାରିନି କେହି ମୂଷା । ବାପା ଯେବେ ଜେଜେ ମାଆଙ୍କୁ କହୁଥିଲେ ଆଉ କୋଉ ମୂଷା ତୁମ ଦୀପ ସଳିତାରୁ ବତୀ କାଢି ପାରିବ ନାହିଁ କି ସଶ୍ୟ ନଷ୍ଟ କରିପାରିବ ନାହିଁ । ବୋଉ କହୁଥିଲା ହଁ ମୁଁ ପଛେ ଛବିରୁ ଦେଖି ମୂଷା ଚିତ୍ର ଅଙ୍କନ କରିଦେବି ମୁନା ପାଇଁ କିନ୍ତୁ ମୂଷା ଯାଉ ପଳେଇ । ଜେଜେ ହସି ହସି କହୁଥିଲେ ଆଉ ରହିବ ମୂଷା ନା ବଇଁଶୀ ବାଜିବ । ଏ ଘରେ ଏଣିକି ରାଜ କରିବ ହିଟଲର ବିଲେଇ । ମୁନା ହସିଦେଇ ମନେ ମନେ ଭାବୁଥିଲା ହିଟଲରଙ୍କ ଟ୍ୟାଙ୍କରେ ପଶି ମୂଷା ସବୁ ଟ୍ୟାଙ୍କ ନଷ୍ଟ କରିଥିବାରୁ ସେ ଯୁଦ୍ଧରେ ହାରିଥିଲେ ବୋଲି ସାର କହୁଥିଲେ । ଏ ଛାର ବିଲେଇଟି ମୂଷାର କଣ କରିପାରିବ !

ସାକ୍ଷୀଗୋପାଳ , ପୁରୀ
୯୦୪୦୯୭୭୩୨୭

# ମକର

▶ ଶ୍ରୀଧର ପଟ୍ଟନାୟକ

ମକର ପାଇଁ ନୂଆ ଜାମା ବରାଦ କରିଥିଲା ଝିଅ । ହେଲେ ଦୁନ୍ଦୁ କାଲି ସନ୍ଧ୍ୟାରେ ବଜାରରୁ ଫେରିଥିଲା ଖାଲି ହାତରେ । ଟିକି ଝିଅ ପୂଜା ବାପାଙ୍କୁ ଖାଲି ହାତରେ ଦେଖି ଅଭିମାନରେ ଉଁ କି ଚୁଁ କହୁନଥିଲା । ଠିକାଦାର ବକେୟା ମଜୁରୀ ଦେବାକୁ ଆଉ ଦି' ଦିନ ଗଡେଇ ଦେଇଛି । ଶୁଣିବାକୁ ପ୍ରସ୍ତୁତ ନ ଥିଲା ଦୁନ୍ଦୁର ଧର୍ମପତ୍ନୀ ଇଚ୍ଛାମତୀ । ସ୍ୱାମୀ ବ୍ୟତୀତ ଆଉ କାହା ଉପରେ ଗରଗର ହୁଅନ୍ତା କି ? ଏମିତିରେ ଇଚ୍ଛାମତୀର କେଉଁ ଇଚ୍ଛା ଫଳବତୀ ହୋଇଛି ଯେ ହେବ ।

ଦୁନ୍ଦୁ ଚୁପଚାପ କପାଳକୁ ନିନ୍ଦୁଥିଲା । ଏତେ ବଡ ମକରରେ ଝିଅ ପାଇଁ ଜାମାଟିଏ ଯୋଗାଡି ନ ପାରିବାରୁ ବେଶ୍ ନିରାଶ ଅନୁଭବ କରୁଥିଲା ସେ ।

'ବୋହୂ ଲୋ, ପୂଜା କାହିଁ ; ଏଇନେ ପୂଜା ପାଇଁ ନୂଆ ଜାମା । ହେଃ .. ହେଃ ..

ସାହୁପୁଅ ଉଧାର ଦେବାକୁ ମନା କରୁଥିଲା ଯେ, ତା'କୁ କହିଲି ; ଏଇ ପନ୍ଦର ତାରିଖରେ ବୁଢୀ ପଇସା ହଜାରେ ମିଳିଗଲେ ଦେଇ ଦେବି ମ .. ହେଃ ହେଃ ..

ଦାଣ୍ଡ ଅଗଣାରେ ଜେଜେମାଆଙ୍କ ପାକୁଆ ପାଟିରେ ଏଇ କଥା ଶୁଣି ନାଚି ଉଠିଲା ପୂଜା ।

ତେଣେ ଦୁନ୍ଦୁ ମନେ ମନେ ଭାବୁଥିଲା, ଅଭାବୀ ମେହନତି ପରିବାରରେ ଟଙ୍କାର ଅଭାବ ଥାଏ ସିନା ଭାବର କିଛି ଅଭାବ ନ ଥାଏ ।

କଲ୍ୟାଣସିଂହପୁର, ରାୟଗଡା
୮୨୪୯୧୨୧୦୬୦

# ଆଶା ଭରା ବସନ୍ତ

▶ ମୂଳ ହିନ୍ଦୀ - ମନିଷା ମଞ୍ଜରୀ, ବିହାର
ଅନୁବାଦ-ପ୍ରଭାତ କୁମାର ମହାପାତ୍ର

ଭୋରର ତାରା ଢଳି ସାରି ଥିଲା ଏବଂ ସକାଳର ତେଜ ବଢ଼ି ବଢ଼ି ଚାଲି ଥିଲା । ଆକାଶ ନାରଙ୍ଗୀ ରଙ୍ଗରେ ସଜେଇ ହେଉଥିଲା, କାରଣ ଆଜି ଥିଲା ବସନ୍ତ ପଞ୍ଚମୀ ! ମା' ସରସ୍ୱତୀଙ୍କୁ ଆରାଧନା କରିବାର ଦିନ । ଆଜି ସହରର ସେହି ଝୁମ୍ପୁଡ଼ି ବସ୍ତିରେ ଏକ ବିଶେଷ ହଲଚଲ ଚାଲିଥିଲା । ସେଠାରେ ମଧ ଛୋଟ ଛୋଟ ପେଣ୍ଡାଲ ହୋଇଥିଲା ଏବଂ ଲାଉଡ ସ୍ପିକରରେ କେଉଁଠି ଭଜନ ବାଜୁଥିଲା ତ କେଉଁଠି ଫିଲ୍ମ ଗୀତ । ଏକ ଛୋଟ ଝୁମ୍ପୁଡ଼ିରେ ଛଅ ବର୍ଷର ଝିଅଟି ତା'ର ଛିଣ୍ଡା କମ୍ବଳରେ ଘୋଡ଼େଇ ହୋଇ କେଉଁ ସ୍ୱପ୍ନ ରାଜ୍ୟରେ ନିଜକୁ ହଜେଇ ଦେଇଥିଲା । ଝିଅଟି ଆଖି ସେତେବେଳେ ଖୋଲିଲା ଯେତେବେଳେ ତା ମା' ଡାକିବା ଆରମ୍ଭ କରିଦେଲେ, 'ରାନୁ ! ରାନୁ ! ଉଠିଯା,ମା ! ଆଜି ପରା ବସନ୍ତ ପଞ୍ଚମୀ । ଘର ଲିପିବାକୁ ଅଛି, ପୂଜା କରିବାକୁ ଅଛି ।'

ରାନୁ ମା ଡାକ ଶୁଣି ଉଠି ବସିଲା ଏବଂ ମା'ଙ୍କୁ କୋଠରୀ ସଫା କରୁଥିବାର ଦେଖିଲା । ସେ ଉଠୁ ଉଠୁ କହିଲା, 'ମା' ! ଆଜି ହଳଦିଆ ଚାଉଳ ବିଞ୍ଚାହେବ ନା ? ମନ୍ଦିରରେ ବୁନ୍ଦିଆ ମଧ ଖାଇବାକୁ ମିଳିବ ନା ?' 'ହଁ ! ହଁ ! ସବୁ ମିଳିବ ମା ! ପ୍ରଥମେ ଶୀଘ୍ର ଉଠି ଗାଧେଇ ପଡ଼ । ତା'ପରେ ସାମ୍ନା ପୂଜା ମଣ୍ଡପକୁ ଯିବା ।' ରାନୁ ପାଇଁ ବସନ୍ତ ପଞ୍ଚମୀର ଅର୍ଥ କେବଳ ହଳଦିଆ ଚାଉଳ, ମନ୍ଦିରରୁ ଆସୁଥିବା ଆରତୀର ଶବ୍ଦ ଏବଂ ପ୍ରସାଦ ଭାବରେ ବଣ୍ଟା ଯାଉଥିବା କିଛି ବୁନ୍ଦିଆ



ଥିଲା, ଯାହା ସେ କିଛି କିଛି ସ୍ଥାନରୁ ମାଗି ଆଣୁଥିଲା । ପ୍ରବଳ ଥଣ୍ଡା ପରେ, ଏବେ ଖରାରେ ଟିକେ ଉଷ୍ମତା ଆସିବାକୁ ଲାଗିଥିଲା । ପାଗର ଏହି ପରିବର୍ତ୍ତନ ତାକୁ ଖୁବ୍ ଭଲ ଲାଗୁଥିଲା । କାରଣ ରାତିର ପ୍ରଚଣ୍ଡ ଥଣ୍ଡା ଏବେ କମିବାକୁ ଲାଗିଥିଲା । ତେଣୁ ରାନୁ ସକାଳ ହେଉ ହେଉ ଖରାରେ ବସିପଡୁଥିଲା । ସେ କେବେଠାରୁ ପ୍ରସ୍ତୁତ ହୋଇ ସାରି ଥିଲା ଯେ ନିଶ୍ଚିତ ଭାବେ ମା'ଙ୍କ ସହିତ ପୂଜା ମଣ୍ଡପକୁ ଯିବ । ହଠାତ୍ ମା'ଙ୍କୁ ଏକ ବଡ଼ ଘରୁ କାମ ପାଇଁ ଡାକରା ଆସିବାରୁ, ତାକୁ ଏକା ଛାଡ଼ି ଯିବାକୁ କହି ବାହାରକୁ ଚାଲିଗଲେ । ଯିବା ବେଳେ ସେ ଏତିକି କହିଥିଲେ ଯେ ମୂର୍ତ୍ତି ସାମ୍ନାରେ ହାତ ଯୋଡ଼ି ଚୁପ୍ ଚାପ୍ ବସି ରହିବୁ, କାହାକୁ କିଛି କହିବୁ ନାହିଁ । କିଛି ମାଗିବୁ ନାହିଁ । ମୁଁ ଆସୁଛି ।

ରାନୁ ହଁ କହି ପେଣ୍ଡାଲ ଆଡ଼କୁ ବାହାରିଗଲା । ପୂଜା ପେଣ୍ଡାଲରେ ଆରତୀ ଚାଲିଥିଲା ଏବଂ ଲୋକେ ମୂର୍ତ୍ତିକୁ ଘେରି ଠିଆ ହୋଇଥିଲେ । ରାନୁକୁ ଲୋକଙ୍କ ଗୋଡ଼, ପିଠି ଏବଂ ମୁଣ୍ଡ ବ୍ୟତୀତ ଆଉ କିଛି ନଜର ଆସୁନଥିଲା । ସେ ଏକ କୋଣରେ ଠିଆ ହୋଇଗଲା ଏବଂ ଯେମିତି ସମସ୍ତେ ହାତ ଯୋଡ଼ିଥିଲେ ସେ ମଧ ହାତ ଯୋଡ଼ିଦେଲା । ଘଣ୍ଟିର ଶବ୍ଦ ଶଙ୍ଖର ଶବ୍ଦରେ ପରିଣତ ହେଲା ଏବଂ ଧୀରେ ଧୀରେ ଭିଡ଼ କମିବାକୁ ଲାଗିଲା । ଏବେ ମା ସରସ୍ୱତୀ'ଙ୍କ ମୂର୍ତ୍ତି ତାକୁ ସ୍ପଷ୍ଟ ଦେଖାଗଲା । ରାନୁ ସେହି ସାମ୍ନା ମାଟି ଉପରେ ପଲିଥିନ ପକାଇ ହାତ ଯୋଡ଼ି ବସିଗଲା । ରାନୁ ମା ବୀଣାପାଣି'ଙ୍କ ମୂର୍ତ୍ତିକୁ ବଡ଼ ଜିଜ୍ଞାସୁ ନଜରରେ ଦେଖିବାକୁ ଲାଗିଲା । ଧଳା ବସ୍ତ୍ର, ବୀଣା, ଶାନ୍ତ ହସ, ଏମିତି ଲାଗୁଥିଲା ଯେମିତି ମୂର୍ତ୍ତି କେବେ ବି କଥା କହିପାରେ । ସାମ୍ନାରେ ଫଳ, କିଛି ମିଠା ଏବଂ ବୁନ୍ଦିଆ ମଧ ଥିଲା ଯାହା ଆଡ଼କୁ ତା'ର ମନ ଚଞ୍ଚଳ ଗତିରେ ଚାଲି ଯାଉଥିଲା । ହଠାତ୍ ମା'ଙ୍କୁ ଦେଖି ତା' ମନରେ ଅନେକ ପ୍ରଶ୍ନ ଉଠିଲା, ହେଲେ ତାକୁ ଜଣା ନଥିଲା ଯେ ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଶବ୍ଦରେ କହିବାକୁ ହେବ ନା ଭାବରେ । ସେ ମନରେ ଅନେକ କଥା ଭାବୁଥିଲା ହେଲେ କହିପାରୁନଥିଲା ।

ସେ ଏହି କଥା ଜାଣିଥିଲା ଯେ ଏହି ମୂର୍ତ୍ତି କେବେ ବି କଥା କହିପାରିବ ନାହିଁ । ମା'ଙ୍କ ସାମ୍ନାରେ ତା'ର ମନରେ ଅନେକ ପ୍ରଶ୍ନ ଉଠୁଥିଲା । ସେ ଏତିକି ଜାଣିଥିଲା ଯେ ମା' ହେଉଛନ୍ତି ଜ୍ଞାନର ଦେବୀ ଏବଂ ବସନ୍ତ ପଞ୍ଚମୀର ଏହି ଦିନରେ ମା'ଙ୍କୁ ଆରାଧନା କରିବା ଆବଶ୍ୟକ । ତା ପୂର୍ବରୁ ରାନୁ କେବେ ସ୍କୁଲ ଯାଇନଥିଲା । ତା'ର ବୟସ ସାତ ବର୍ଷ ହୋଇ ଯାଇଥିଲା । ସେତେବେଳେ ଶିକ୍ଷାର ଅଧିକାର ଆଇନ ଆସିନଥିଲା ଏବଂ ଛୋଟ ପିଲାଙ୍କୁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଦେବାର ବ୍ୟବସ୍ଥା ମଧ ନଥିଲା । ତେଣୁ ରାନୁ ଜାଣିନଥିଲା ଯେ ସରକାରୀ ସ୍କୁଲରେ ପଢ଼ିଲେ, ସେଠାରେ ସରକାରୀ କମିଟି ଏବଂ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକରଣ ମଧ ମିଳିଥାଏ । ସେ କେବଳ ଜାଣିଥିଲା ଯେ ପୂଜା ମଣ୍ଡପରେ ଲୋକଙ୍କ ଭିଡ଼ ଜମିଥାଏ । ସେଦିନ ମା'ଙ୍କ ପାଖକୁ ଆସିଥିବା ଜଣେ ଶିକ୍ଷକ ସୁନିଲ ଶର୍ମା, ରାନୁର ଆଖିରେ ଜିଜ୍ଞାସା ଥିବା ଲକ୍ଷ୍ୟ କରିଥିଲେ ଏବଂ ତାକୁ କିଛି ପ୍ରଶ୍ନ ବି ପଚାରିଥିଲେ ।

ସୁନୀଲ ସାର ପାଖକୁ ଆସି ଠିଆ ହେଲେ ଏବଂ ପଚାରିଲେ, ' ତୁମର ନାମ କଣ ଝିଅ ?' ରାନୁ ନିଜର ଇଷ୍ଟ-ଦେବୀ ମା'ଙ୍କୁ ଏବଂ ସାରଙ୍କୁ ଦେଖି କହିଲା, 'ମୋ ନାଁ ରାନୁ ! ପାଠ ପଢ଼ ତୁମେ ମୁଣ୍ଡ ହଲାଇ ରାନୁ ନା ବୋଲି କହିଲା । ସ୍କୁଲ ଯାଉଛ ! ରାନୁ ପୁଣି ଥରେ ନା କହିଲା । ସୁନିଲ ସାର୍ ଗଭୀର ନିଶ୍ୱାସ ନେଇ ତାଙ୍କ ବ୍ୟାଗ୍ ଭିତରୁ ଗୋଟିଏ ସ୍ଲେଟ ଓ ଚକ୍ ବାହର କରି ରାନୁକୁ ଦେଲେ । ରାନୁ ସ୍ଲେଟ୍‌କୁ ଧରି ଓଲଟ ପାଲଟ କରି ଭଲ ଭାବେ ଦେଖିଲା । ତାକୁ ଏକ ସ୍ୱପ୍ନ ଭଳି ମନେ ହେଲା । ସୁନିଲ ସାର୍ ସେହି ସ୍ଲେଟରେ 'ଅ' ଲେଖି ତାକୁ ଦେଲେ । ପଚାରିଲେ ଏହା କଣ ଜାଣିଛୁ ? ଏହା ଅକ୍ଷର ଅଟେ । ଏହି ଠାରୁ ସବୁ କିଛି ଆରମ୍ଭ ହୋଇଥାଏ । । ରାନୁ ଆଗ୍ରହର ସହ ସେହି ଅକ୍ଷରକୁ ସ୍ପର୍ଶ କଲା ଏବଂ ଜ୍ଞାନକୁ ପ୍ରଥମ ଥର ଅନୁଭବ କଲା । ତା' ଆଖିରେ ଏକ ନୂଆ ଆଶା, ଏକ ନୂଆ ଉତ୍ସାହ ଏବଂ ତା' ମନରେ ଅନେକ ନୂଆ ସ୍ୱପ୍ନ ଆସିବାକୁ ଲାଗିଲା । 'ସେଠାରେ ଉପସ୍ଥିତ ସମସ୍ତଙ୍କ ନଜର ରାନୁର ହାତରେ ଥିବା ଖଡ଼ି ଏବଂ ସ୍ଲେଟ ଉପରେ ଥିବା ଅକ୍ଷର ପାଖକୁ ଯାଇଥିଲା । ସୁନୀଲ ସାର ରାନୁର ଆଗ୍ରହ ଦେଖି କହିଲେ, 'କାଲି ଆମ ସ୍କୁଲକୁ ଯିବା । ତୁମ ପାଇଁ ମଧ ବସ୍ତ୍ର ଅଛି, ମୁଁ ତୁମ ସହିତ ସହରକୁ ଯିବି ।' ରାନୁର ମା' ହଠାତ୍ ଆସି ପହଁଚିଗଲା । କାଳେ ରାନୁ କିଛି ଭୁଲ କରି ଦେଇଥିବ ! କିନ୍ତୁ ସାରଙ୍କ କଥା ଅଲଗା ଥିଲା । ସେ କହିଲେ ରାନୁ ଏବେ ସ୍କୁଲ ଯିବ । ପାଠ ପଢ଼ିବ ! ବଡ ମଣିଷ ହେବ ! ରାନୁ ମା'ର ଆଖିରୁ ଧାର ଧାର ଲୁହ ବୋହି ଚାଲିଥାଏ । ସାମ୍ନାରେ ସରସ୍ୱତୀ ମାତାଙ୍କ ମୂର୍ତ୍ତି ଦେଖି, ଏମିତି ଲାଗୁଥିଲା ଯେମିତି ସେ ଉଠି ଆସି ରାନୁକୁ ପ୍ରଚୁର ଆଶୀର୍ବାଦ ଦେଉଛନ୍ତି । ଏକ ନୂତନ ବସନ୍ତ ବାତାବରଣରେ ସେ ପୁରା ଉତ୍ସାହିତ, ଏକ ନୂଆ ରାସ୍ତା ଏବଂ ଉପକରଣ ମା'ଙ୍କ ଠାରୁ ମିଳି ଯାଇଥିଲା । ରାନୁ ଏକ ନୂତନ ସମ୍ଭାବନାର ବସନ୍ତ ପାଇଁ ପ୍ରସ୍ତୁତ ହୋଇ ସାରିଥିଲା । ଯାହା ଭବିଷ୍ୟତରେ ଆଶା, ଆଶୀର୍ବାଦ ଏବଂ ଅଧିକାର ଘୋଷଣା କରୁଥିଲା ।

ସ୍ୱାମୀ ବିବେକାନନ୍ଦ ବନ ଭାରତୀ
ବିଦ୍ୟାପୀଠ, କୋରାପୁଟ ମୋବାଇଲ
୭୮୯୪୦୦୫୪୫୫

# ରୋଗ ଠାରୁ ବଡ଼ ଭୟ

▶ ଘନଶ୍ୟାମ ପଲେଇ



କାନ୍ଧ ପାଖରେ ଆବୁ ହୋଇ ଫୁଲିଛି, ତିନ ଚାରିଦିନ ହେଲାଣି ଫୁଲା କମିବାର ନାଁ ମଧ ନେଉ ନାହିଁ । ହାତ ମାରିଲେ କଷ୍ଟ ହେଉଛି । ସେ ଏବେ କରିବ କ'ଣ.. ? ବୁଝି ପାରୁ ନଥାଏ । ନୂଆ ନୂଆ ଚାକିରି ପାଇ ଘରଠୁ କୋଡିଏ ପଚିଶ କିଲୋମିଟର ଦୂରରେ ଭଡା ଘରେ ଏକୁଟିଆ ରହୁଥିବା ରାକେଶର ମୁଣ୍ଡ ଘୂରେଇ ଯାଉଥାଏ ।

ବଥା ପାଇଁ କ'ଣ ଟିକିଏ ମେଡିସନ ଖାଇବ ଭାବି ପ୍ରଥମେ ଗୁଗୁଲରେ ସର୍ଚ୍ଚ କଲା । ତା'ପରେ ମେଡିସିନ ଦୋକାନ ଗଲା । ମେଡିସିନ ଦୋକାନୀଟି ଡାକ୍ତର ଭଳି ବେକ ସନ୍ଧି ଫୁଲିଥିବା ଜାଗାକୁ ଚିପାଚିପି କରି କିଛି କ୍ଷଣ ପରୀକ୍ଷା କଲା । ଆଉ ଗୁମ ମାରି ରହିଲା । ରାକେଶ ଡରିଗଲା । ପଚାରିଲା- କ'ଣ ଦେଖିଲେ ଭାଇ !... ଔଷଧ ଟିକିଏ ଦିଅନ୍ତୁ ।

ଦୋକାନୀ ପିଲାଟି ମୋବାଇଲ ବାହାରକରି ଗୁଗୁଲଗୁରୁକୁ ପଚାରିଲା । କିଛି ସମୟ ପରେ ପେନ୍‌ସିଲର ଦୁଇଟା ବଢେଇ ଦେଉ ଦେଉ କହିଲା- ଭାଇ ଆଉ ଡେରି କରନ୍ତୁ ନାହିଁ... ଡେରି ହେଲେ ଅଡୁଆ । ଆପଣ ମୋର ଚିହ୍ନା ଜଣା ବୋଲି କହୁଛି ଯାହା... ।

ରାକେଶ ଏଣିକି ସତରେ ଡରିଗଲା । ପଚାରିଲା- କ'ଣ ହେଇଛି ଭାଇ ! କ'ଣ କରିବାକୁ ହେବ ?

ମୋବାଇଲକୁ ଚାହିଁ କହିଲା- କ୍ୟାନସରର ଲକ୍ଷଣ ହେଇଥାଇ ପାରେ... ବାୟୋପ୍‌ସି ଟେଷ୍ଟ କରାନ୍ତୁ । ଏଠି ଏଇ ଟେଷ୍ଟର ସୁବିଧା ନାହିଁ କଟକ କିମ୍ବା ଭୁବନେଶ୍ୱର ପଳାନ୍ତୁ ।

ଏତେ ବଡ ରୋଗ...ପୁଣି କ୍ୟାନସର । ହତାଶ ହୋଇ ସେ ଫେରିଲା । ରାସ୍ତା କଡରେ ଥିବା ଗୋଟିଏ ଗଛମୂଳେ କିଛି ସମୟ ଗୁମ୍‌ମାରି ବସିଲା । ମୁଣ୍ଡରେ ହାତ ଦେଇ କ'ଣ ସବୁ ଭାବିଲା ଏଣୁତେଣୁ । ଫୋନଟା ଉଠାଇ ଘରକୁ ଜଣାଇବ ଭାବିଲା । ହେଲେ କ'ଣ ହେଲା କେଜାଣି ପୁଣି ରଖିଦେଲା । ଆଜି ଆଉ କାମକୁ ନ ଯାଇ ନିଜ ରୁମରେ ଯାଇ ଗଡେଇ ହେଲା । ବେଡରେ ଏକଡ ସେକଡ ହେଲା... କେଉଁ ନିଦ ହେବ ଯେ ? ମୋବାଇଲ ବାହାର କରି ଗୁଗୁଲ ବାବାକୁ ପଚାରି ଚାଲିଲା... ରୋଗର ଲକ୍ଷଣ ଓ ଭୟାବହତାକୁ ପଢି ଚକିତ ବି ହେଲା ।

ବିଳମ୍ବ କଲେ ଅଡୁଆ ଜାଣି ରାତାରାତି ହିଁ ବସରେ ବାହାରିଗଲା କଟକ । ଏକ ଘୋରେଇ କ୍ଲିନିକରେ ଜଣେ ଡାକ୍ତର ପାଖରେ ଦେଖାଇଲା । ଯେତେ ଡର ସେତେ ପଇସା ନ୍ୟାୟରେ ସେ ବି ପ୍ରଥମେ ପ୍ରଥମେ ଢେର ଡରାଇଲେ । ତା'ପରେ ଆଶ୍ୱାସନା ଦେଲେ- ରିପୋର୍ଟ ତ ଆସୁ ପ୍ରଥମେ... ତା'ପରେ ଦେଖିବା । ସେଇଠି ହିଁ ସଙ୍ଗେସଙ୍ଗେ ବାୟୋପସି ଟେଷ୍ଟ ପାଇଁ କୋଷର ନମୁନା ସଂଗ୍ରହ କରାଯାଇ ରଖାଗଲା । ବାୟୋପସି ରିପୋର୍ଟ ଆସିବାକୁ ପ୍ରାୟ ତିନିରୁ ପାଞ୍ଚ ଦିନ ଲାଗିବ । କରିବ କ'ଣ... ଘରକୁ ଚାଲିଯିବ... ନା ଡ୍ୟୁଟିରେ ଯୋଗ ଦେବ... କିଛି ବୁଝିପାରୁ ନଥାଏ ରାକେଶ ।

ସେ ଅନ୍ୟମନସ୍କ ଭାବେ ଚାଲି ଚାଲି କଟକ ବଡ ମେଡିକାଲ ପାଖକୁ ପହଞ୍ଚି ସାରିଥାଏ । ସେଠାରେ କଲେଜ ବେଳର ସାଙ୍ଗ ମୁକେଶ ସହ ଦେଖା ହେଇଗଲା । ସେ ଆସିଥାଏ ତା' ଜଣେ ସମ୍ପର୍କୀୟକୁ ଦେଖା କରିବାକୁ । ତାକୁ ସବୁ କଥା ଖୋଲି କହିଲା । ବିଷୟର ଗମ୍ଭୀରତାକୁ ଅନୁଭବ କଲା ସେ । ତାକୁ ଆଶ୍ୱାସନା ଦେଇ କହିଲା- ସାଙ୍ଗ ! ଚାଲ ଆମ ଗାଁକୁ ଯିବା... ସେଇଠି ଜଣେ ରିଟାର୍ଡ ଡାକ୍ତର ଅଛନ୍ତି... ତାଙ୍କୁ ବି ଥରେ ଦେଖେଇ ଦେବା । ଭାରି ଅଭିଜ୍ଞ ଡାକ୍ତର । ଶେଷ ସମୟକୁ ଗାଁରେ କ୍ଲିନିକଟେ ଖୋଲି ଗରିବଗୁରୁବାଙ୍କ ସେବାକରିବାର ପଣ ନେଇଛନ୍ତି ।

ସିଏ ଏବେ ସୁଅ ମୁହଁର ପତରେ । ତା'ର କିଛି କରିବାର ନାଇଁ ... କିଛି ଭାବିବାର ନାଇଁ । ଚାଲିଲା ସାଙ୍ଗ ସହ । ତା' ପହର ଦିନ ବୁଢା ଡାକ୍ତରଙ୍କ କ୍ଲିନିକରେ ପହଞ୍ଚିଲେ । ଦୁଇ ତିନ ଜଣଙ୍କ ପରେ ପାଳି ପଡିଲା । ଡାକ୍ତର ଜଣଙ୍କ ଚିପାଚିପି କରି ପରୀକ୍ଷାନିରୀକ୍ଷା କଲେ । ରାକେଶ ବି ସବୁ କଥା ଗୋଟିଗୋଟି କରି ଖୋଲି କହିଲା । ଧୈର୍ଯ୍ୟର ସହ ସବୁକଥା ଶୁଣିଲେ ଡାକ୍ତର ମହାଶୟ । ଆଉ ହସି କି କହିଲେ- କିଛି ନାଇଁ... ଏଇଟା ସୁଦ୍ ମୋବାଇଲର ପ୍ରଭାବ । ତମେ ଟିକିଏ ଅଧିକ ଗୁଗୁଲ ସର୍ଚ୍ଚ କରି... ବେଶି ଜାଣି ଯାଇଛ । ଟିକିଏ ରହି ପୁଣିକହିଲେ ଏଇଟା କି କ୍ୟାନସର... ବଥଟାଏ ପରା । ବାହାରକୁ ନ ବାହାରିପାରି ପାଚି ଗଲାଣି ଭିତରେ । ସନ୍ଧ୍ୟାକୁ ଆସ କାଟିକି ସଫା କରିଦେବା । କିଛି ନାହିଁ... ଡରିବାର ।

ରାକେଶ ତା' ସାଙ୍ଗ ସହ ସନ୍ଧ୍ୟାରେ ପହଞ୍ଚିଲା କ୍ଲିନିକରେ । ଡାକ୍ତର ଜଣଙ୍କ ଫୁଲି ଥିବା ଜାଗାକୁ ପାଞ୍ଚମିନିଟ ଲାଗିଲା ନାହିଁ କାଟିକୁଟି ସଫା କରି ବ୍ୟାଣ୍ଡେଜ କରିଦେଲେ । କହିଲେ- ଯା ! ଆଉ କିଛି ହେବନି । ଖାଲି ଗୋଟେ ଡରୁଥିଲୁ ଯାହା... ଆଉ ଥରେ ଦୁଇଦିନ ପରେ ଆସିବୁ ଖୋଲି ଦେବା ବ୍ୟାଣ୍ଡେଜ୍ ।

କ୍ୟାସ କାଉଣ୍ଟରେ ମାତ୍ର ଟଙ୍କା ପାଞ୍ଚ ଶହ ଦେଇ ଫେରିଲା ବେଳେ ମନଟା ଭାରି ହାଲୁକା ଲାଗୁଥିଲା । ମନେମନେ ଭାବୁଥିଲେ ଅଯଥା ଖର୍ଚ୍ଚ ଆଉ ଚିନ୍ତାରୁ ମଣିଷ ବଞ୍ଚିଗଲା ।

ଘା' ଶୁଖିଲା ପରେ ବ୍ୟାଣ୍ଡେଜ ଖୋଲିବାକୁ ପୁଣି ଥରେ ଡାକ୍ତର ଚାମ୍ବରକୁ ପଶି ଯାଉଥିଲା । ନଜର ଗଲା ବାହାରେ ଝୁଲୁଥିବା ଫଳକ ଉପରେ ଲେଖା ଥିଲା -"ଦୟାକରି ଡାକ୍ତରୀ ବାସ୍ତବତା (medical reality) ସହିତ ଆପଣଙ୍କ ଗୁଗୁଲ୍ (Google) ଜ୍ଞାନକୁ ଦ୍ୱନ୍ଦ୍ୱରେ ପକାନ୍ତୁ ନାହିଁ । ଗୁଗୁଲ୍ କେବଳ ସୂଚନା ଦେଇପାରେ, କିନ୍ତୁ ଆପଣଙ୍କ ଶରୀରକୁ ବୁଝିପାରିବ ନାହିଁ ।

ଟେନସା, ସୁନ୍ଦରଗଡ,ମୋ-
୯୪୩୭୭୧୮୫୦୦

# କବାଟ, କାନ୍ଥ ଆଉ ଛାତ

▶ ଦେବସ୍ମିତା ବେହେରା

ମୂଳ ହିନ୍ଦୀ-ସନ୍ତୋଷ ସୁପେକର
ଅନୁବାଦ-ଦେବସ୍ମିତା ବେହେରା

ଆଜି ତାଙ୍କୁ କାନ୍ଦ ମାଡୁଥିଲା ପ୍ରାତଃ ଭ୍ରମଣ କରିବା ସମୟରେ । ଏଇ ଅଳ୍ପ କିଛି ସମୟ ତଳେ ଶୁଣିଥିବା ପୁଅର କର୍କଶ ସ୍ୱର ବ୍ୟତିବ୍ୟସ୍ତ କରି ଦେଉଥିଲା ତାଙ୍କୁ। କିଛି ଦିନ ତଳେ ବନ୍ଧୁ ଦିଲୀପ ଆଗରେ ନିଜର ଏକେଲାପଣର କଥା କହିଲା ବେଳକୁ ଚାରି ଲୋକଙ୍କ ମଝିରେ ସେ କହିଥିବା କଥା ପଡିଗଲା ତାଙ୍କ ମନରେ। ଏହି ରାଜେନ୍ଦ୍ର ତ ଗୋଟିଏ ଭୀରୁ ସାଙ୍ଗ ! ଯେତେବେଳେ ଦେଖ ଖାଲି ବସି କାନ୍ଦୁଥିବ ।

ଛଅ ବର୍ଷ ତଳେ ରୋଗରେ ପଡି ପଡି ସ୍ତ୍ରୀଙ୍କର ମୃତ୍ୟୁ ହେଇ ଯାଇଥିଲା । ସେତେବେଳେ ବ୍ୟଥିତ ହେଇ ସେ ବଡଭାଇଙ୍କୁ କୁଣ୍ଢେଇ କାନ୍ଦିବାକୁ ଆରମ୍ଭ କରିଛନ୍ତି କି ନାହିଁ, ବଡଭାଇ ତାଙ୍କୁ ଠେଲି ଦେଇ ଗାଳି କରି କହିଥିଲେ, 'ଆବେ..ସ୍ତ୍ରୀଲୋକଙ୍କ ପରି କାନ୍ଦୁଛୁ କାହିଁକି ? ସେ ତ ସେମିତିରେ ଆରପାରିକୁ ଯାଇଥାନ୍ତା । ରୋଗରେ ଘାଣ୍ଟି ହେଇ କଷ୍ଟ ପାଉଥିଲା' । ଭଗବାନଙ୍କ ଦୟାରୁ ମୁକ୍ତି ମିଳିଗଲା ତାକୁ । କାନ୍ଦିବା ବନ୍ଦ କରି ନିଜକୁ ଦୃଢ କର ।

ଆଉ ତା'ପରେ ସେ ଦୃଢ କରି ନେଇଥିଲେ ନିଜକୁ । ମା' ଆଉ ଏକମାତ୍ର ଝିଅ ଚାଲିଯିବା ପରେ ମଧ୍ୟ କାନ୍ଦି ନଥିଲେ ସେ । ହେଲେ ଏତେ ବର୍ଷ ଧରି ଏକୁଟିଆ ରହିବା ସତ୍ତ୍ୱେ ଆଜି ଯେତେବେଳେ ବିଦେଶରେ ରହୁଥିବା ପୁଅ ପାଖକୁ ଫୋନ୍ କଲେ ସେତେବେଳେ କଥା ହେଉ ହେଉ ଟିକିଏ ଭାବ ବିହ୍ୱଳ ହୋଇ କାନ୍ଦି ପକେଇଲେ ସେ । ତାଙ୍କ କାନ୍ଦ ଶୁଣି ପୁଅର ହୃଦୟ ବିଚଳିତ କ'ଣ ହେବ, ବରଂ ସେ ରାଗିଯାଇ ତାଙ୍କ ଉପରେ ବର୍ଷିଗଲା । ଆଉ କହିଲା,'ବାପା..ଏବେ ତ ଅଫିସ୍‌ରୁ ଫେରିଲି ମୁଁ । କ'ଣ କାନ୍ଦି କାନ୍ଦି ଯେତେବେଳେ ଇଛା ସେତେବେଳେ ଇମୋଶନାଲି ବ୍ଲାକ୍‌ମେଲ୍ କରୁଛ ?' ଏଠି କ'ଣ ଥଟ୍ଟା ଲାଗିଛି ?



ହଠାତ୍ ଏତିକି ବେଳେ ପାର୍କ ପାଖରେ ଥିବା ଗୋଟିଏ ଘର ଭିତରୁ କିଛି ଲୋକଙ୍କର ଜୋର୍‌ରେ ହସିବା ଆଉ ହସିବାକୁ ଚେଷ୍ଟା କରିବା ସ୍ୱର ଶୁଭୁଲା । ସେ ଫେରି ଆସିଲେ ବର୍ତ୍ତମାନକୁ । ଆଖିରୁ ବୋହି ଆସୁଥିବା ଲୁହର ଧାରକୁ ଅଟକାଇ ଟିକିଏ ଚମକି ପଡିଲେ ସେ ଘର ଆଗରେ ଲେଖାଥିବା ଫଳକୁ ଦେଖି । ସେଠି ଲେଖାଥିଲା..ଲାଫିଙ୍ଗ୍ କ୍ଲବ୍.. ।

'ଲାଫିଙ୍ଗ୍ କ୍ଲବ୍..ବାଃ' ସେ ଫୁସ୍‌ଫୁସ୍ ହେଇ କହିଲେ,'ଯେମିତି ଲାଫିଙ୍ଗ୍ କ୍ଲବ ଅଛି ସେମିତି ୱିପିଙ୍ଗ କ୍ଲବ, କ୍ରାଇଙ୍ଗ୍ କ୍ଲବ କାହିଁକି ତିଆରି ହେଉନି ଆମର ଏଠି ? ଯେଉଁଠି ମଣିଷର କାନ୍ଦିବା ଉପରେ କିଛି କଟକଣା ନଥିବ, କେହି ତାଙ୍କୁ ଯେମିତି ଭୀରୁ କହି ପାରିବେନି, କେହି ହସିବେନି ତାଙ୍କ ଉପରେ' । ୱିପିଙ୍ଗ କ୍ଲବ, ଯେଉଁଠି ସେ ଖୋଲିକରି କାନ୍ଦି ପାରିବେ । ନିଜ ମନ ଭିତରର ସବୁ ଦୁଃଖକୁ ବାହାର କରିପାରିବେ ।

ଏମିତି କେତେ କ'ଣ ଭାବି ଭାବି ସେ ଚାଲି ଆସିଲେ ଘରକୁ ଆଉ କବାଟ ବନ୍ଦ କରି ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲେ । ତାଙ୍କୁ ଜଣା ଥିଲା କବାଟ, କାନ୍ଥ ଆଉ ଛାତ ତାଙ୍କର ଆଉ ତାଙ୍କ କାନ୍ଦକୁ କେବେବି ଥଟ୍ଟାରେ ଉଡେଇବେ ନାହିଁ ।

ଫ୍ଲାଟ ନମ୍ବର- ୨୧୭/ପି, ବାୟାବାବା ମଠ ଲେନ୍,
ୟୁନିଟ୍- ୯ (ଫ୍ଲାଟ), ଭୁବନେଶ୍ୱର- ୨୨

## ଟି୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିଲା ବାଂଲାଦେଶ




**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ୨୦୨୬ରୁ ବାଦ୍ ପଡ଼ିଛି ବାଂଲାଦେଶ। ଭାରତରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରୁ ବିଦା ହୋଇଛି। ବିସିବିକୁ ୨୪ ଘଣ୍ଟାର ମହଲତ ଦେଇଥିଲା ଆଇସିସି। ତେବେ ଗୁରୁବାର ଢାକାରେ ବିସିବି ଏବଂ ବାଂଲାଦେଶ ସରକାରଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଠାରେ ନିଷ୍ପତ୍ତି ନିଆଯାଇଛି କି, ବାଂଲାଦେଶୀ ଖେଳାଳି ଟି-୨୦ ବିଶ୍ୱକପ ଖେଳିବାକୁ ଭାରତ ଯିବନି। ଏନେଇ ଆଇସିସିକୁ ଜଣାଇଛି ବିସିବି। ଏବେ ବାଂଲାଦେଶ ବାଦ୍ ପଡ଼ିବାକୁ ଯାଉଥିବାବେଳେ ସ୍କଟ୍‌ଲ୍ୟାଣ୍ଡ ଖେଳିବା ପାଇଁ ରାସ୍ତା ଫିଟିଛି। ପୂର୍ବରୁ ମଧ୍ୟ ଏନେଇ ଚର୍ଚ୍ଚା ହୋଇଥିଲା। ଯଦି ବାଂଲାଦେଶ ନଆସେ ତା'ହେଲେ ଏହି ଦଳକୁ ସୁଯୋଗ ଦିଆଯିବ।

ବାଂଲାଦେଶ ସରକାର ଏବଂ ବିସିବି ମଧ୍ୟରେ ବୈଠକରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ନିଷ୍ପତ୍ତି ନିଆଗଲା କି, ଭାରତରେ ସେମାନେ ମ୍ୟାଚ୍ ଖେଳିବେ ନାହିଁ। ଆଇସିସିର ବିଫଳତା ପାଇଁ ଏମିତି ହେଉଛି ବୋଲି ବିସିବି କହିଛି। ବିସିବି ସଭାପତି କହିଛନ୍ତି, 'ଆଇସିସି ଆମର ମ୍ୟାଚ୍ ଭାରତରୁ ସ୍ଥାନାନ୍ତର କରିନାହିଁ। ଆମେ ବିଶ୍ୱ କ୍ରିକେଟ୍ ବିଷୟରେ ଜାଣି ନାହୁଁ, ଏବଂ ଏହାର ଲୋକପ୍ରିୟତା ହ୍ରାସ ପାଉଛି। ଆଇସିସି ୨୦ କୋଟି ଲୋକଙ୍କୁ ନିରାଶ କରିଛି। କ୍ରିକେଟ୍ ଏବେ ଅଲିମ୍ପିକ୍ସକୁ ଯାଉଛି, କିନ୍ତୁ ଯଦି ଆମ ଭଳି ଦେଶ ସେଠାକୁ ଯାଉନାହିଁ, ତେବେ ଏହା ଆଇସିସିର ବିଫଳତା।' ବାଂଲାଦେଶ କ୍ରିକେଟ୍ ବୋର୍ଡ ସଭାପତି ଆହୁରି କହିଛନ୍ତି ଯେ ସେମାନେ ସେମାନଙ୍କର ଲଢ଼େଇ ଜାରି ରଖିବେ। ସେ ଆଇସିସି ବୈଠକରେ ହୋଇଥିବା ନିଷ୍ପତ୍ତି ଉପରେ ମଧ୍ୟ ପ୍ରଶ୍ନ ଉଠାଇ କହିଛନ୍ତି ଯେ ଆଇସିସି ବୈଠକରେ ଭୁଲ ନିଷ୍ପତ୍ତି ନିଆଯାଇଛି। ବିସିବି ସଭାପତିଙ୍କ ଅନୁଯାୟୀ, ଆଇସିସି ବୈଠକରେ କେବଳ ବିସିସିଆଇର ମତାମତ ବିଚାର କରାଯାଇଥିଲା।

## ଆଇସିସି ଟି-୨୦ ର୍‍ୟାଙ୍କିଂ

## ପ୍ରଥମ ସ୍ଥାନରେ ଅଭିଷେକ ଶର୍ମା, ଟପ୍- ୫ ତାଲିକାରେ ୨ ଭାରତୀୟ




**ନୂଆଦିଲ୍ଲୀ**

ବର୍ତ୍ତମାନ, ଯଦି ଆମେ ଆଇସିସି ଟି-୨୦ ର୍‍ୟାଙ୍କିଂ ଉପରେ ନଜର ପକାଇବା, ତେବେ ଭାରତର ଅଭିଷେକ ଶର୍ମା ବ୍ୟାଟ୍‌ସମ୍ୟାନ ଭାବରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅଭିଷେକ ତାଙ୍କର ପ୍ରଭାବଶାଳୀ ବ୍ୟାଟିଂ ସହିତ ନିରନ୍ତର ଭାବରେ ତାଙ୍କର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ତଥାପି, ଯଦି ଆମେ ତାଲିକାରେ ଦ୍ୱିତୀୟ ସ୍ଥାନରେ ଥିବା ଖେଳାଳିଙ୍କୁ ଦେଖିବା, ତେବେ ସେମାନଙ୍କ ମୂଲ୍ୟାଙ୍କନ ମଧ୍ୟରେ ୫୯ ପଏଣ୍ଟର ପାର୍ଥକ୍ୟ ଅଛି।

ଶୀର୍ଷ-୫ ତାଲିକାରେ ଦୁଇଜଣ ଭାରତୀୟ ବ୍ୟାଟସମ୍ୟାନ ରହିଛନ୍ତି। ଜଣେ ପାକିସ୍ତାନୀ ବ୍ୟାଟସମ୍ୟାନ ମଧ୍ୟ ଶୀର୍ଷ-୫ରେ ସାମିଲ ଅଛନ୍ତି। ବାକି ଦୁଇ ଖେଳାଳି ଇଂଲଣ୍ଡର।

ଅଭିଷେକ ଶର୍ମା ୯୦୮ ରେଟିଂ ସହିତ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଇଂଲଣ୍ଡର ଫିଲ ସଲ୍ଟ ୮୪୯ ରେଟିଂ ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ତାଲିକାରେ ଆହୁରି ତଳେ ଅଛନ୍ତି ଭାରତର ତିଲକ ବର୍ମା, ଯିଏ ୮୦୫ ରେଟିଂ ସହିତ ତୃତୀୟ ସ୍ଥାନରେ ଅଛନ୍ତି, ଇଂଲଣ୍ଡର ଜୋସ ବଟଲର ୭୭୦ ରେଟିଂ ସହିତ ଚତୁର୍ଥ ସ୍ଥାନରେ ଅଛନ୍ତି ଏବଂ ପାକିସ୍ତାନର ସାହିବଜାଦା ଫରହାନ, ଯିଏ ୭୬୩ ରେଟିଂ ସହିତ ପଞ୍ଚମ ସ୍ଥାନରେ ଅଛନ୍ତି।

## 'ସୂର୍ଯ୍ୟକୁମାରଙ୍କ ଉପରେ ୫୦୦ କୋଟିର ମାନହାନି ମାମଲା କରିବି' : ଖୁସି ମୁଖାର୍ଜୀ



**ନୂଆଦିଲ୍ଲୀ**

ଭାରତର ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏବଂ ଅଭିନେତ୍ରୀ ଖୁସି ମୁଖାର୍ଜୀଙ୍କ ମଧ୍ୟରେ ବିବାଦ ବଢ଼ିବା ପରି ମନେ ହେଉଛି। ଅଭିନେତ୍ରୀ ଏବେ ଦାବି କରିଛନ୍ତି ଯେ ଯଦି ସୂର୍ଯ୍ୟକୁମାର ମାନହାନି ମାମଲା ହାରିଯାଆନ୍ତି, ତେବେ ସେ ତାଙ୍କ ବିରୁଦ୍ଧରେ ୫୦୦ କୋଟି ମାନହାନି ମାମଲା ଦାୟର କରିବେ। ଏହା ଉଲ୍ଲେଖନୀୟ ଯେ ସୂର୍ଯ୍ୟ ଏବଂ ଖୁସିଙ୍କ ମଧ୍ୟରେ ଏହି ବିବାଦ ଏକ ବୟାନରୁ ଆରମ୍ଭ ହୋଇଥିଲା। ନିକଟରେ ଖୁସି ମୁଖାର୍ଜୀ ଏକ ବୟାନରେ କହିଥିଲେ ଯେ, ସୂର୍ଯ୍ୟକୁମାର ଯାଦବ ତାଙ୍କ ସହିତ କଥା ହେଉଥିଲେ। ତଥାପି, ଖୁସି ଏବେ ତାଙ୍କ ବୟାନ ପ୍ରତ୍ୟାହାର କରିନେଇଛନ୍ତି। ସେ ଏବେ କହିଛନ୍ତି ଯେ ଭାରତୀୟ କ୍ରିକେଟରଙ୍କ ସହ ତାଙ୍କର କଥାବାର୍ତ୍ତା ବନ୍ଧୁତ୍ୱପୂର୍ଣ୍ଣ ଥିଲା। ଖୁସି ଦୃଢ଼ ଭାବରେ ଜୋର ଦେଇଛନ୍ତି ଯେ ତାଙ୍କ ଏବଂ ସୂର୍ଯ୍ୟକୁମାର ଯାଦବଙ୍କ ପାରସ୍ପରିକ କ୍ରିୟାରେ କୌଣସି ଭୁଲ ନାହିଁ, କେବଳ ବନ୍ଧୁ ଭାବରେ। ଏହା ଉଲ୍ଲେଖନୀୟ ଯେ ସୋସିଆଲ ମିଡିଆ ପ୍ରଭାବଶାଳୀ ଫୈଜାନ ଅନସାରୀ ସୂର୍ଯ୍ୟକୁମାର ଯାଦବଙ୍କ ବିଷୟରେ ତାଙ୍କ ବୟାନ ପାଇଁ ଖୁସି ମୁଖାର୍ଜୀଙ୍କ ବିରୁଦ୍ଧରେ ୧୦୦ କୋଟିର ମାନହାନି ମାମଲା ଦାୟର କରିଥିଲେ। ରିପୋର୍ଟ ଅନୁସାରେ, ଖୁସି କହିଥିଲେ ଯେ ତାଙ୍କର କାହାକୁ ମାନହାନି କରିବାର କୌଣସି ଉଦ୍ଦେଶ୍ୟ ନଥିଲା। ଏହା ବ୍ୟତୀତ, ସେ କହିଛନ୍ତି ଯେ ସେ ତାଙ୍କ ବିରୁଦ୍ଧରେ ମାନହାନି ମାମଲା ଦାୟର କରିଥିବା ବ୍ୟକ୍ତିଙ୍କୁ ମଧ୍ୟ ଜାଣନ୍ତି ନାହିଁ। ଖୁସି ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ତାଙ୍କୁ କୌଣସି ଆଇନଗତ ନୋଟିସ ମିଳିନାହିଁ।

## ଅଷ୍ଟ୍ରେଲିଆନ୍ ପୁରୁଷ ଏକକର ତୃତୀୟ ରାଉଣ୍ଡରେ ପ୍ରବେଶ କଲେ ଜୋକୋଭିକ୍



**ସିଡ୍‌ନୀ**

ରେକର୍ଡ ୨୫ତମ ଗ୍ରାଣ୍ଡ୍ ସ୍ଲାମ୍ ବିଜୟ ଲକ୍ଷ୍ୟରେ ଥିବା ସର୍ବିୟାର ମହାନ ଟେନିସ୍ ଖେଳାଳି ନୋଭାକ ଜୋକୋଭିକ ଚଳିତ ଅଷ୍ଟ୍ରେଲିଆନ୍ ପୁରୁଷ ଏକକର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏଠାରେ ଚତୁର୍ଥ ସିଡ୍‌ର ମାନ୍ୟତା ଲାଭ କରିଥିବା ଜୋକୋଭିକ୍ ଗୁରୁବାର ଇଟାଲିର ଯୋଗ୍ୟତା ଅର୍ଜନକାରୀ ଫ୍ରାନ୍‌ସେସ୍କୋ ମିସ୍ତ୍ରେଲିଙ୍କୁ ୬-୩, ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ତା'ସହିତ ମେଲବର୍ଣ୍ଣ ପାର୍କରେ ଏକାଦଶ ଟ୍ରଫି ଜିତିବା ଦିଗରେ ଆଉ ଏକ ବଡ଼ ପାଦ ବଢ଼ାଇଛନ୍ତି।

## ବାଂଲାଦେଶ ପରେ ଧମକ ଦେଲା ପାକିସ୍ତାନ : ଟି୨୦ ବିଶ୍ୱକପ୍ କରିବ ବୟକଟ୍




**ନୂଆଦିଲ୍ଲୀ**

୨୦୨୬ ଟି୨୦ ବିଶ୍ୱକପ୍ ପୂର୍ବରୁ ବିବାଦ ବଢ଼ିବାରେ ଲାଗିଛି। ଭାରତରେ ନ ଖେଳିବା ଜିଦ୍‌ରେ ବାଂଲାଦେଶ ବିଶ୍ୱକପରୁ ଓହରିଯିବା ପରେ ପାକିସ୍ତାନ ମଧ୍ୟ ବୟକଟ୍ କରିବାକୁ ଧମକ ଦେଇଛି।

ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ପକ୍ଷରୁ ଭାରତ ବାହାରେ ଗ୍ରୁପ୍ ମ୍ୟାଚ୍ ସ୍ଥାନାନ୍ତରଣ ଅନୁରୋଧକୁ ଆଇସିସି ପ୍ରତ୍ୟାଖ୍ୟାନ କରିବା ପରେ, ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟ ବୟକଟ୍ କରିପାରେ ବୋଲି ରିପୋର୍ଟ ଆସିଛି। ରିପୋର୍ଟ ଅନୁସାରେ ସୁରକ୍ଷା ଚିନ୍ତା ଦର୍ଶାଇ ଏହି ଦୁଇ ଦେଶ ଭାରତକୁ ଯିବାକୁ ଆସିବାକୁ ଅସ୍ୱୀକାର କରୁଛନ୍ତି।

ଏହି ଘଟଣାରେ ବାଂଲାଦେଶ କହିଛି ଯେ, ଭାରତର ଆଗ୍ରହରେ ପାକିସ୍ତାନର ମ୍ୟାଚ୍ ଶ୍ରୀଲଙ୍କାକୁ ସ୍ଥାନାନ୍ତର ହୋଇଥିଲା, ସେହି ମୂଳ ଆଧାରରେ ଆମର ଅନୁରୋଧ ଖାରଜ ହେବା ନିରାଶାଜନକ।

ବୁଧବାର ଆଇସିସି ବୋର୍ଡ୍ ବିସିବିର ଅନୁରୋଧକୁ ଭୋଟିଂ ମାଧ୍ୟମରେ ଖାରଜ କରିଛି। ପିଟିଆଇ ରିପୋର୍ଟ ଅନୁସାରେ, ୧୬ ଜଣ ସଦସ୍ୟଙ୍କ ମଧ୍ୟରୁ ୧୪ ଜଣ ଏହା ବିରୋଧରେ ଭୋଟ୍ ଦେଇଥିଲେ। କେବଳ ବାଂଲାଦେଶ ଓ ପାକିସ୍ତାନ ପକ୍ଷରେ ଥିଲେ। ଆଇସିସି କହିଛି, ବର୍ତ୍ତମାନ ପରିସ୍ଥିତିରେ ମ୍ୟାଚ୍ ସ୍ଥାନାନ୍ତର କଲେ ଆଇସିସି ଇଭେଣ୍ଟର ପବିତ୍ରତା ଓ ସଂଗଠନର ନିରପକ୍ଷତା ପ୍ରଭାବିତ ହେବ।

ଭାରତ ଓ ଶ୍ରୀଲଙ୍କା ସଂଯୁକ୍ତ ଆୟୋଜନରେ ଫେବୃୟାରୀ ୭ରୁ ଆରମ୍ଭ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଆଇସିସି ବାଙ୍ଗଲାଦେଶକୁ ଆଉ ଗୋଟିଏ ଦିନ ସମୟ ଦେଇଛି। ଏହି ମଧ୍ୟବେଳେ ବାଙ୍ଗଲାଦେଶ ସରକାରଙ୍କ କ୍ରୀଡ଼ା ପରାମର୍ଶଦାତା ଆସିଫ୍ ନଜରୁଲ୍ ଗୁରୁବାର ଦଳର ଖେଳାଳିମାନଙ୍କ ସହ ଆଲୋଚନା କରିବେ। ଅଧିକାଂଶ ଖେଳାଳି ଭାରତକୁ ଯାଇ ଖେଳିବା ପକ୍ଷରେ ଥିବା ଜଣାପଡ଼ିଛି।

## ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ୍ : ଓଡ଼ିଶା ବିଜେତା




**ଭୁବନେଶ୍ୱର**

ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ୍ ପ୍ରତିଯୋଗିତାରେ ଓଡ଼ିଶା ବିଜେତା ହୋଇଛି। ସ୍ଥାନୀୟ ହାଇଟେକ୍ ପଡ଼ିଆରେ ଖେଳାଯାଇ ଥିବା ଗୁରୁବାର ଫାଇନାଲ୍‌ରେ ଓଡ଼ିଶା ୩୨ ରନ୍‌ରେ ମଧ୍ୟପ୍ରଦେଶକୁ ମାତ୍ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୧୭୩ ରନ୍ କରିଥିଲା। ପାର୍ବତୀ ମର୍ଣ୍ଡି (୫୫, ୪୭ ବଲ୍) ଅର୍ଦ୍ଧଶତକ ଅର୍ଜନ କରିଥିଲା ବେଳେ ଫୁଲ ସୋରେ ୩ ୩୮, ସୁକାନ୍ତୀ ଦଳପତି ୩୦ ଓ ପଦ୍ମିନୀ ଟୁଡୁ ୧୬ ରନ୍ କରିଥିଲେ।

ଜବାବରେ ଦୁର୍ଗା ୟେଭ୍‌ଲେ (୬୦) ଓ ସୁଷମା ପଟେଲ (୪୦) ଭଲ ବ୍ୟାଟିଂ କରିବା ସତ୍ତ୍ୱେ ମଧ୍ୟପ୍ରଦେଶ ୫ ୱିକେଟ୍ ହରାଇ ୧୪୧ ରନ୍ କରିବାକୁ ସମର୍ଥ ହୋଇଥିଲା। ଓଡ଼ିଶାର ଫୁଲ ସୋରେନ, ରଚନା ଜେନା ଓ ମୁନି ପୂର୍ତ୍ତି ଗୋଟିଏ ଲେଖାଏଁ ୱିକେଟ୍ ନେଇଥଲେ। ପାର୍ବତୀ ମାର୍ଣ୍ଡି ଫାଇନାଲ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ହାଇଟେକ୍ ମେଡିକାଲ କଲେଜ ଓ ହସ୍‌ପିଟାଲର ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ଜିନ୍ଦଲ ଫାଉଣ୍ଡେସନ୍ ସିଏସ୍‌ଆର ମୁଖ୍ୟ ରିଷି ପଠାନିଆ, ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ୍ ସଂଘ (କାବି) ସଭାପତି ବୁସେ ଗୌଡ଼ା, ଶୈଳେନ୍ଦ୍ର ଯାଦବ, ମହିଳା ଓ ଶିଶୁ ବିକାଶ ଅଧ୍ୟକ୍ଷ କଳ୍ପନା ଦାସ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଉପ ଶାସନ ସଚିବ ବସନ୍ତ ବେହେରା, ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ୍ ସଂଘ ସଭାପତି ମହମ୍ମଦ ଜାଫର ଇକ୍‌ବାଲ୍ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ସର୍ବ ଭାରତୀୟ ଲାଲ୍ ମନି କ୍ରିକେଟ : ଫାଇନାଲରେ ବାପୁଜୀ କ୍ଲବ ଭୁବନେଶ୍ୱର



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସର୍ବ ଭାରତୀୟ ଲାଲ୍ ମନି କ୍ରିକେଟ ସେମିଫାଇନାଲ ମ୍ୟାଚ୍ ୱାଇଏସସିସି ବଲାଙ୍ଗୀର ଓ ବାପୁଜୀ କ୍ଲବ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିଣି ବାପୁଜୀ କ୍ଲବ୍ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବଲାଙ୍ଗୀର ଦଳ ୨୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ୱିକେଟ୍ ହରାଇ ୧୩୮ ରନ୍ ହାସଲ କରିଥିଲେ। ଦଳ ପକ୍ଷରୁ ଶ୍ରେଷ୍ଠ ରଷଭ ୪୫ ବଲରେ ୫୫ ରନ୍, ବିବେକ କୁମାର ୧୪ ବଲରେ ୩୧ ରନ୍, ଉତ୍କର୍ଷ ୯ ବଲରେ ୧୧ ରନ୍, ଚିନା ଦାସ ୯ ବଲରେ ୧୨ ରନ୍ କରିଥିଲେ। ବାପୁଜୀ କ୍ଲବ୍ ପକ୍ଷରୁ ସୟଦ ଜାକି ସର୍ବାଧିକ ୪ଟି ୱିକେଟ୍, ରାକେଶ ପଟ୍ଟନାୟକ ଓ ପ୍ରାୟସ ସିଂହ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ୍ ଓ ସୁଶିଲ ବାରିକ ୧ ୱିକେଟ୍ ହାସଲ କରିଥିଲେ। ପ୍ରତି ଉତ୍ତରରେ ୬ ୱିକେଟ୍ ହରାଇ ୧୮.୪ ଓଭରରେ ବାପୁଜୀ କ୍ଲବ୍ ଭୁବନେଶ୍ୱର ଦଳ ୧୩୯ ରନ୍ କରି ମ୍ୟାଚ୍ ବିଜୟୀ ହୋଇ ସିଧା ଫାଇନାଲରେ ପ୍ରବେଶ କରିଥିଲେ।

ବାପୁଜୀ କ୍ଲବ୍ ପକ୍ଷରୁ ବିକାଶ ଦୀକ୍ଷିତ ୪୧ ବଲ ରେ ୪୫ ରନ୍, ପ୍ରାୟସ ସିଂହ ୨୧ ବଲରେ ୩୦ ରନ୍, ଆର୍ଯ୍ୟ ଶ୍ରୀ ଭଟ୍ଟ ୧୭ ବଲରେ ୨୪ ରନ୍, ଶୁଭମ ଶତ୍ରୁଜିତ ୧୩ ବଲରେ ୧୬ ରନ୍ କରିଥିଲେ। ବଲାଙ୍ଗିର ଦଳ ପକ୍ଷରୁ ଚିନା ଦାସ ୨ଟି ୱିକେଟ୍ ଓ ଓଁକାର, ସତ୍ୟଜିତ, ବିବେକ ଓ ଉତ୍କର୍ଷ ପ୍ରତ୍ୟେକ ୧ଟି ଲେଖାଏଁ ୱିକେଟ୍ ହାସଲ କରିଥିଲେ। ଟି-୧୦ ମ୍ୟାଚ୍‌ରେ ବଲାଙ୍ଗୀର ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ୱିକେଟ୍ ହରାଇ ମାତ୍ର ୮୬ ରନ୍ କରିଥିଲେ। ଦଳ ପକ୍ଷରୁ ଶ୍ରେଷ୍ଠ ରଷବ ୧୭ ବଲରେ ୩୩ ରନ୍, ସତ୍ୟଜିତ ସିଂଦେଓ ୮ ବଲରେ ୨୮ ରନ୍, ଆଦିତ୍ୟ ରାଜ ଝା ୬ ବଲରେ ୧୪ ରନ କରିଥିଲେ। ବାପୁଜୀ କ୍ଲବ୍ ପକ୍ଷରୁ ନମନ୍ ଧ୍ରୁବ ସର୍ବାଧିକ ୩ଟି ୱିକେଟ୍, ସୁଶିଲ ବାରିକ ୨ଟି ୱିକେଟ୍ ହାସଲ କରିଥିଲେ। ଏ ସହଜ ବିଜୟ ଲକ୍ଷ୍ୟକୁ ବାପୁଜୀ ଭୁବନେଶ୍ୱର ଦଳ ୬.୨ ଓଭରରେ ୪ ୱିକେଟ୍ ହରାଇ ୯୦ ରନ ହାସଲ କରିଥିଲେ। ପ୍ରାୟସ ସିଂହ ୮ ବଲରେ ୧୮ ରନ, ଶୁଭମ ୫ ବଲରେ ୧୩ ରନ, କ୍ଷମା ସାଗର ୪ ବଲରେ ୧୦ ରନ କରିଥିଲେ। ବଲାଙ୍ଗିର ଦଳ ପକ୍ଷରୁ ଚିନା ଦାସ ୨ ଟି ୱିକେଟ୍, ଆଦିତ୍ୟ ରାଜ ଝା ୧ଟି ୱିକେଟ୍ ଓ ବିବେକ କୁମାର ୧ଟି ୱିକେଟ୍ ହାସଲ କରିଥିଲେ। ଭୁବନେଶ୍ୱର ବାପୁଜୀ କ୍ଲବ୍ ଉଭୟ ମ୍ୟାଚ୍ ବିଜୟ ହାସଲ କରି ଲାଲ୍ ମନି କ୍ରିକେଟର ଫାଇନାଲକୁ ପ୍ରବେଶ କରିଛି। ବାପୁଜୀ କ୍ଲବ୍‌ର ଖେଳାଳି ପ୍ରାୟସ ସିଂହଙ୍କୁ ଗୁରୁବାରର ଅତିଥି ସୋନପୁର ଷ୍ଟେଟ ବ୍ୟାଙ୍କ ଚିଫ୍ ଜେନେରାଲ ମ୍ୟାନେଜର ଲକ୍ଷ୍ମଣ ମାଝୀ, ପୌରପରିଷଦ ଅଧ୍ୟକ୍ଷା ତାମସି ତାମସ୍ମିତା ନାଏକ୍, କାଉନସିଲର କଇରୁ ସ୍ୱାଇଁ, ଡିଏଏ ସଂପାଦକ ପୀୟୂଷ କୁମାର ପଣ୍ଡା ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ଓସିଏ ପେନେଲ୍ ଅମ୍ପାୟର ସତ୍ୟ ପ୍ରସାଦ ରଥ, ଓ ଅମିୟ ସାହୁ ଖେଳ ପରିଚାଳନା କରିଥିଲେ। ପ୍ରଦୀପ ସେଠି ସ୍କୋରର ଭାବେ ଓ ଦିନେଶ ହିମାଂଶୁ ଅନଲାଇନ ସ୍କୋରୀଙ୍ଗ ଦାୟିତ୍ୱ ନିର୍ବାହ କରିଥିଲେ। ପାର୍ଥ ସାରଥୀ, ବିନୋଦ ଓ ଟୁଟୁ ରାଓ ଖେଳର ପ୍ରତ୍ୟକ୍ଷ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଜାତୀୟ ବିଦ୍ୟାଳୟ ସମୂହ ପ୍ରତିଯୋଗିତାରେ ଓଡ଼ିଶା ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

୬୯ତମ ଜାତୀୟ ବିଦ୍ୟାଳୟ ସମୂହ ପ୍ରତିଯୋଗିତାରେ ଓଡ଼ିଶା ଛାତ୍ରଛାତ୍ରୀଙ୍କ ସଫଳତା। ଦେଶର ବିଭିନ୍ନ ସ୍ଥାନରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଜାତୀୟ ବିଦ୍ୟାଳୟ ସମୂହ ପ୍ରତିଯୋଗିତାର ଆୟୋଜନ ହୋଇଯାଇଛି। ଏକାକାଳୀନ ଝାଡଖଣ୍ଡସ୍ଥିତ ରାଞ୍ଚି, ପଶ୍ଚିମବଙ୍ଗସ୍ଥିତ କୋଲକାତା, ରାଜସ୍ଥାନର ପଟେଲ୍ ଷ୍ଟାଡ଼ିୟମଠାରେ ସାଇକେଲିଂ, ଜିମ୍ନାଷ୍ଟିକ୍ ଓ ଖୋ-ଖୋ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ରାଞ୍ଚିଠାରେ ସାଇକେଲିଂ ୧୪ ବର୍ଷରୁ କମ୍ ବାଳିକା ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲା ବାରିକପୁର ଉଚ୍ଚ ବିଦ୍ୟାଳୟର ସସ୍ମିତା ପଣ୍ଡା ୬ କିମି ଟାଇମ୍ ଟ୍ରେଲ୍ ରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ୫୦୦ ମିଟର ଟ୍ରାକ୍‌ରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି କୋଲକାତାରେ ଆୟୋଜିତ ଜିମ୍ନାଷ୍ଟିକ୍ ୧୭ ବର୍ଷରୁ କମ୍ ବାଳକ-ବାଳିକା ପ୍ରତିଯୋଗିତାରେ ପୁରୀ ଜିଲ୍ଲା ସ୍କୁଲର ଅଂଶୁମାନ ସୁନ୍ଦରା ଓ ଦାନ ଲକ୍ଷ୍ମୀ ରାଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହ ରାଜସ୍ଥାନରେ ଆୟୋଜିତ ଖୋ-ଖୋ ୧୪ ବର୍ଷରୁ କମ୍ ବାଳକ-ବାଳିକା ପ୍ରତିଯୋଗିତାରେ ଓଡ଼ିଶା ଫାଇନାଲରେ ଉପବିଜେତା ହୋଇଛି।

## ପ୍ରଥମ ଜିଲ୍ଲା ସ୍ତରୀୟ ପାରାକ୍ରୀଡ଼ା ପ୍ରତିଯୋଗିତା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାରେ ଦିବ୍ୟାଙ୍ଗ ଯୁବକମାନଙ୍କ କ୍ରୀଡ଼ାଦକ୍ଷତାର ପ୍ରଦର୍ଶନ ଓ ସୁଯୋଗ ସୃଷ୍ଟି ନିମନ୍ତେ ପ୍ରଥମ କରି ଜିଲ୍ଲାସ୍ତରୀୟ ପାରାକ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନବଗଠିତ ଜିଲ୍ଲା ପାରାକ୍ରୀଡ଼ା ସଂଘ ଓ ଭିନ୍ନକ୍ଷମଙ୍କ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସର ସହଯୋଗରେ ଏହି ପ୍ରତିଯୋଗିତା ଜଜାଙ୍ଗ ନିକଟସ୍ଥ ଜେନା ପୋଖରୀ ପଡ଼ିଆଠାରେ ଆୟୋଜିତ ହୋଇ ଥିଲା। ଏହି ପ୍ରତିଯୋଗିତାକୁ ରାଜ୍ୟ ପାରାକ୍ରୀଡ଼ା ସଂଘର ସମ୍ପାଦକ ସୁନୀଲ ପ୍ରଧାନ, ବରିଷ୍ଠ ଚିକିତ୍ସକ ଡ. ବିଶ୍ୱପ୍ରକାଶ କାନୁନଗୋ ଓ ପାରାକ୍ରୀଡ଼ା ସଂଘ, କେନ୍ଦ୍ରାପଡ଼ା ଓ ପୁନର୍ବାସର ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟ ଏବଂ ଏକାଧିକ ଆନ୍ତର୍ଜାତୀୟ ପାରା କ୍ରୀଡ଼ାବିତ୍ ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ଆନ୍ତର୍ଜାତୀୟ ପାରା ସନ୍ତରଣକାରୀ ମୋନାଲି ସ୍ୱାଇଁ ଓ ସାଥି କ୍ରୀଡ଼ାବିତ୍‌ମାନଙ୍କ ସହ ପାରାକ୍ରୀଡ଼ାର ମଶାଲ ଧାରଣ କରି ଏକ ସଂକ୍ଷିପ୍ତ ଶୋଭାଯାତ୍ରାରେ ପଡ଼ିଆ ପରିକ୍ରମା କରିଥିଲେ। ଜିଲ୍ଲାର ଏକାଧିକ ଜାତୀୟ ଓ ଆନ୍ତର୍ଜାତୀୟ ପାରାକ୍ରୀଡ଼ାବିତ୍ ପ୍ରଶାନ୍ତ ନାୟକ, ବଳରାମ ସ୍ୱାଇଁ, ସୁଧୀର ମଲ୍ଲିକ, ରଞ୍ଜିତ ସେନାପତି ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୪୦ରୁ ଊର୍ଦ୍ଧ୍ୱ ପାରାକ୍ରୀଡ଼ାବିତ୍ ମାନେ କନିଷ୍ଠ ଓ ବରିଷ୍ଠ ବିଭାଗରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ଶେଖ୍ ସୌକତ୍ ଖାନ୍‌ଙ୍କ ତତ୍ତ୍ୱାବଧାନରେ ମୋଟ୍ ଛଅ ଗୋଟି ଇଭେଣ୍ଟରେ ପ୍ରତିଯୋଗିତା କରାଯାଇ ଥିଲା।

## ୨୬ତମ କାଠଖୁଣ୍ଟିଆ ବିବେକାନନ୍ଦ ୟୁଥ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିବସ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**



ଖୋର୍ଦ୍ଧା ଉପକଣ୍ଠ କାଠଖୁଣ୍ଟିଆ ଫୁଟବଲ ପଡିଆ ଠାରେ ୨୬ତମ କାଠଖୁଣ୍ଟିଆ ବିବେକାନନ୍ଦ ୟୁଥ ଫୁଟବଲ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିବସରେ କାଠଖୁଣ୍ଟିଆ ସହ ଗଡ଼ମାଣତ୍ରି ଖେଳ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ମାରି ପାରିନଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ଗଡମାଣତ୍ରି ଦଳର ମନୋଜ ନାୟକ ଏକ ଚିତ୍ତାକର୍ଷକ ଗୋଲମାରି ନିଜ ଦଳକୁ ସେମିଫାଇନାଲରେ ସୁନିଶ୍ଚିତ କରିଥିଲେ। ଏହି ମ୍ୟାଚ୍‌କୁ ପରିଚାଳନା କରିଥିଲେ ସଗିର ଅହମଦ। ତାଙ୍କ ସହ ଲାଇନରେ ସାହାଯ୍ୟ କରିଥିଲେ ବିଦେଶୀ ନାୟକ ଏବଂ ପ୍ରଫୁଲ୍ଲ କୁମାର ବେହେରା। ଚତୁର୍ଥ ରେଫେରି ଭାବେ ଅମଜାଦ ଖାଁ ଦାୟିତ୍ୱ ତୁଲାଇଥିଲେ। ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ମୁକ୍ତାପୁର, ମଲ୍ଲିପୁରର ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଶରଧାପୁର ଗ୍ରାମ ସେକ୍ରେଟାରୀ ମହମ୍ମଦ ଇଦ୍ରିସ ଯୁବନେତା ଭରତ ମାଣୋଇ, କେରଙ୍ଗ ଅହମଦୀୟା ମୁସଲିମ ଫୁଟବଲ ଦଳର ପୂର୍ବତନ ଖେଳାଳି ସେକ ରଶିଦ ଏବଂ ଶୁକଦେବ ନାୟକ ଯୋଗ ଦେଇଥିଲେ। ପ୍ରଥମ ସେମିଫାଇନାଲ କୁମ୍ପିଲୋ ସହ ଭାଲିଆବାଡ଼ି ଦଳ ଖେଳାଯିବାର ସୂଚନା ଟୁର୍ଣ୍ଣାମେଣ୍ଟ କମିଟି ତରଫରୁ ଦିଆଯାଇଛି।

## ଆଜିଠୁ ଆରମ୍ଭ ହେବ ଭାବ ଭକ୍ତିର ଜୟ ଜଗନ୍ନାଥ ମହୋତ୍ସବ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**




ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତର ଭୁବନପୁର ଗ୍ରାମରେ ଶୁକ୍ରବାର ଠାରୁ ଏହି ମହାନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ଶୁକ୍ରବାର ସକାଳ ୭ ଘଟିକା ସମୟରେ ଅଙ୍କୁରାରୋପଣ କରାଯାଇ ରାଜ୍ୟର ବିଭିନ୍ନ ପ୍ରକାରର ବହୁ ସଂଖ୍ୟକ ସାଂସ୍କୃତିକ ଦଳ, ବାଜା, ବାଣ, କୀର୍ତ୍ତନ ଓ ଘଣ୍ଟଘଣ୍ଟା ଧ୍ୱନିରେ ବିରାଟ କଳସ ଯାତ୍ରା ଗ୍ରାମ ପରିକ୍ରମା କରିବ। ଶୁକ୍ରବାର ଦିନ ବିଭିନ୍ନ ସମୟରେ ମଞ୍ଚରେ ପାଲା, ଗୀତିନାଟ୍ୟ, ଘୋଡ଼ାନାଚ, ପାଇକ ଆଖଡ଼ା, ଛଉ ନୃତ୍ୟ, ବାଡ଼ିଖେଳ ଆଦି ଅନୁଷ୍ଠିତ ହେବ। ଏହିଦିନ ଅଭିନେତା ରାକେଶ ଦେଓ ଯୋଗେଦେବ। ଶନିବାର ଦିନ ଓଡ଼ିଶାର ସୁନାମଧନ୍ୟ ଭଜନ ଗାୟକ ସୁବାଷ ଦାସଙ୍କ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ। ଏହି ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ସୁବାଷଙ୍କ ସହ ରାଜ୍ୟର ସୁନାମଧନ୍ୟ ଭଜନ ଗାୟକମାନେ ଯୋଗେଦଇ ଭଜନ ପରିବେଷଣ କରିବେ। ରବିବାର ଦିନ ପାଇକ ଆଖଡ଼ା ସହ ରାଜ୍ୟର ସୁନାମଧନ୍ୟ ନୃତ୍ୟ ଅନୁଷ୍ଠାନ ଗଡ଼ମେକର, କୋକିଳା, ଉତ୍ର ପ୍ରଭୃତି ଅନୁଷ୍ଠାନ ତରଫରୁ ବିଭିନ୍ନ ପ୍ରକାର ପାରମ୍ପରିକ ନୃତ୍ୟ ସହ ବିଭିନ୍ନ ପ୍ରକାର ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଭୁବନପୁର ଗ୍ରାମର ଆରାଧଦେବ ମହାପ୍ରଭୁ ଶ୍ରୀ ଶ୍ରୀ ରାଧାକୃଷ୍ଣ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଦବିସ ଅବସରରେ ଏହି ମହୋତ୍ସବ ପ୍ରତିବର୍ଷ ଅନୁଷ୍ଠିତ ହେଉଛି। ଦୁଇଦିନ ପୂର୍ବରୁ ବରିଷ୍ଠ ସମାଜସେବୀ ସନ୍ତୋଷ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ବଡ଼ ଧରଣର ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହୋତ୍ସବର ସୁପରିଚାଳନା ପାଇଁ କମିଟିର ସଭ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ଯଜ୍ଞ ସମୟରେ ଆରାଧରେ ଦେବ ମହାପ୍ରଭୁ ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କୁ ଭକ୍ତଟିଏ ଭକ୍ତିର ସହ ଯାହା ମାଗିଥାଏ ତାହା ପାଇଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବହୁ ପ୍ରତିଷ୍ଠିତ ରାଜନେତା ଓ ବିଶିଷ୍ଟ ବ୍ୟକ୍ତି ମନୋଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

समग्र शिक्षा
ସମଗ୍ର ଶିକ୍ଷା
Samagra Shiksha

**DISTRICT PROJECT OFFICE, SAMAGRA SIKSHYA, JAJPUR**
At- Unit-4, Baidyanath Nagar, Po-Baidyarajpur, Dist.- Jajpur, 755007
E.mail-: dpcjajpurssa.opepa@nic.in
n-247

Letter No. 363 /Date- 22.01.2026

**TENDER CALL NOTICE FOR SUPPLY OF BAND UNIFORM**

Sealed tenders under two bid systems are invited from the reputed authorized agency/supplier/manufacturer having valid PAN, GST &IT for supply of Band Uniform under PM SHRI scheme. The tender papers (bid documents) containing detailed specification with terms and conditions, application of Technical Bid & Financial Bid, can be obtained by downloading from the web site i.e. www.jajpur.odisha.gov.in and www.osepa.odisha.gov.in. The bidders are required to submit demand Draft **of Rs. 5000/- (Rupees Five thousand only)** drawn in favour of "DPC SSA JAJPUR)" towards cost of tender paper along with the application of Technical & Financial bid. The last date and time for receiving of tender paper is **07.02.2026 at 5 PM** and will be opened on **09.02.2026 at 4P.M.** in the office of the Collector, Jajpur in presence of bidders or their authorized representatives. The authority reserves the right to reject any or all the tenders without assigning any reasons thereof.

By Order of the Collector-cum-Chairman, SS, JAJPUR

Sd/- DEO-cum-DPC
Samagra Shiksha,JAJPUR

GOVERNMENT OF ODISHA
OFFICE OF THE SUPERINTENDING ENGINEER,
P. H. DIVISION, CUTTACK
e-mail ID-eephctcii@gmatl.com
sephdctc521@gmail.conn
C-2136

**e-procurement Notice for Bid Identification No. SEPH-DIVISION, CTC- 58 of 2025-26**

| | |
|---|---|
| 1. Name of the work | :- 01 No of P.H. work |
| 2. Estimated cost | :- Rs 44.84 lakhs |
| 3. Period of completion | :- 2 Months |
| 4. Date & time of availability of bid document in the portal | :- 27.01.2026 from 11.00 A.M to 05.02.2026 upto 5.00 P.M |
| 5. Last date & time of seeking clarification | :- 30.01.2026 upto 5.00 P.M |
| 6. Last date / time of receipt of bids in the portal | :- 05.02.2026 upto 5.00 P.M |
| 7. Date & time of opening of bids | :- 06.02.2026 at 11.00 A.M |
| 8. Name and address of the officer inviting bid | :- The Superintending Engineer, P.H,Division, Cuttack-753004, Odisha. Ph. (0671) 2441063, email:- eephctcii@gmail.com sephdctc521@gmail.com |

Further details can be seen from e-procurement portal https://www.tendersodisha.gov.in

Sd/- I/C Superintending Engineer
P.H. Division, Cuttack



## ହାତୀ ମୃତଦେହକୁ ପୋତିବା ଘଟଣା

# ଅଭିଯୁକ୍ତ ସରକାରୀ ଚାକିରିରେ ରହିବା ଯୋଗ୍ୟ ନୁହେଁ : ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଲିଗୁଡାରେ ହାତୀ ମୃତଦେହକୁ ପୋତିବା ଘଟଣାରେ ପ୍ରତିକ୍ରିୟା ରଖିଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ମନ୍ତ୍ରୀ କହିଛନ୍ତି, ଏଭଳି ଲୋକ ସରକାରୀ ଚାକିରିରେ ରହିବା ଯୋଗ୍ୟ ନୁହେଁ । ହାତୀକୁ ଅନ୍ୟ ସ୍ଥାନରେ ପୋତିବା ବଡ଼ ଅପରାଧ। ଏନେଇ ବିଭାଗ ତଦନ୍ତ କରୁଛି । ଯେଉଁମାନେ ଏଥିରେ ସମ୍ପୃକ୍ତ ଏବଂ ଯେଉଁମାନେ ସାହାଯ୍ୟ କରିଛନ୍ତି ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ସଠିକ୍ ତଦନ୍ତ କିଭଳି ହେବ ସେନେଇ ପିସିସିଏଫ ଏବଂ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି । ଇନ୍‌ଚାର୍ଜ ରେଞ୍ଜର ଫେରାର ଅଛନ୍ତି । ପିସିସିଏଫ ତଦନ୍ତ କରୁଛନ୍ତି । ବିଭାଗ ସନ୍ଦେହ ସୃଷ୍ଟି ହେଉଥିବାରୁ ସ୍ୱତନ୍ତ୍ର ଭାବେ ତଦନ୍ତ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ ଯେ, ମୁଣ୍ଡୁଟି ଜଙ୍ଗଲରୁ ହାତୀ ମୃତ୍ୟୁ ଓ ଶବକୁ ନେଇ ଅନ୍ୟତ୍ର ପୋତିଦେବା ଘଟଣାରେ ବନ ବିଭାଗ ପକ୍ଷରୁ ରେଞ୍ଜର ବିନୟ ବିଶିଙ୍କୁ ମଙ୍ଗଳବାର ଚାକିରିରୁ ନିଲମ୍ବନ କରାଯାଇଥିଲା । ତେବେ ହାତୀର ଶବ ମିଳିନଥିଲା । ବାଲିଗୁଡ଼ା ଡିଏଫଓ ଏହି ଘଟଣାର ତଦନ୍ତ କରୁଥିଲେ । ବୁଧବାର ଯୁଗ୍ମ ଟାସ୍କଫୋର୍ସ ଟିମ୍ ସହ ବାଲିଗୁଡ଼ା ଡିଏଫଓ ଘନଶ୍ୟାମ ମହନ୍ତ ଓ ତୁମୁଡ଼ିବନ୍ଧ ରେଞ୍ଜର କାଳୀଚରଣ ବେହେରା ନିଲମ୍ବିତ ରେଞ୍ଜର ବିନୟ ବିଶିଙ୍କ ଗାଁ କେସିଙ୍ଗାର ତହଁସିରରେ ପହଞ୍ଚି ତନାଘନା କରିଥିଲେ । ହାତୀ ଶବ ପୋତିବା ଘଟଣାରେ ସଂଶ୍ଳିଷ୍ଟ ଥିବା ବ୍ୟକ୍ତିମାନଙ୍କ ସୂଚନା ଆଧାରରେ ବାଲିଗୁଡା ବନଖଣ୍ଡ ବିଭାଗ ଓ କଳାହାଣ୍ଡି ବନଖଣ୍ଡ ବିଭାଗ ଅଧିକାରୀମାନେ ତହଁସିର ଡ୍ୟାମ୍ ନିକଟରେ ପୋତାଯାଇଥିବା ସ୍ଥାନ ଚିହ୍ନଟ କରିଥିଲେ । ଏହି ଅପରେସନକୁ ସମ୍ପୂର୍ଣ୍ଣ ଗୁପ୍ତ ରଖିବା ପାଇଁ ମିଳିଥିବା ସ୍ଥାନରେ ଗ୍ରୀନ୍ ବ୍ୟାରିକେଡ୍ କରି ରଖିଥିଲେ । ଜେସିବି ଦ୍ୱାରା ମାଟି କଢ଼ାଯାଇ ୭ ଫୁଟ ତଳୁ ହାତୀ ଶରୀରର ବିଭିନ୍ନ ଅଂଶ ପାଇଥିଲେ । ହାତୀକୁ ଟିକିଟିକି କରି କାଟି ପୋତା ଯାଇଥିବା ଅନୁମାନ କରାଯାଉଛି । ତେବେ ଦେହାଂଶର ଅଧିକାଂଶ ପଚିସଢ଼ି ଯାଇଥିବା ବେଳେ ଶୁଣ୍ଢ, ଗୋଡ଼, ମୁଣ୍ଡ ଆଦି ମିଳିଥିଲା ।





ଭୁବନେଶ୍ୱର : ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ ନିମନ୍ତେ ଗାନ୍ଧୀ ମାର୍ଗରେ ଚାଲିଛି ପରେଡ ଅଭ୍ୟାସ। (ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହିଳାମାନଙ୍କ ସର୍ବାଙ୍ଗୀନ...

ବିଷ୍ଟ ଯାଉଥିଲା । ସୁଭଦ୍ରା ଯୋଜନାର ଶୁଭାରମ୍ଭ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭବ୍ୟ ଉପସ୍ଥିତିରେ ଭୁବନେଶ୍ୱରଠାରେ ଆରମ୍ଭ ହୋଇଥିଲା ଏବଂ ଅଦ୍ୟାବଧି, ଏକ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ତିନୋଟି କିସ୍ତିରେ ମୋଟ ୧୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରି ସାରିଲୁଣି । ଏହି ଦୁଇଟି କିସ୍ତିକୁ ପ୍ରତି ବର୍ଷ ରାକ୍ଷୀ ପୂର୍ଣ୍ଣିମା ଏବଂ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ଏହି ଯୋଜନା ମାଧ୍ୟମରେ ସରକାର ମହିଳାମାନଙ୍କ ଜୀବନର ଏକାଧିକ ଦିଗରେ ଉନ୍ନତ କରିବାର ଲକ୍ଷ୍ୟ ରଖିଛନ୍ତି ଯାହା କ୍ରମଶଃ ସଫଳ ହେବାରେ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମହିଳା ସଶକ୍ତିକରଣ ଓ ସେମାନଙ୍କ ସ୍ୱାବଲମ୍ବିତା ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆର୍ଥିକ ସ୍ୱାଧୀନତା ଆତ୍ମବିଶ୍ୱାସ ଆଣିଥାଏ । ଯେତେବେଳେ ଜଣେ ମହିଳାଙ୍କ ହାତରେ ଟଙ୍କା ଥାଏ, ପରିବାର ଏବଂ ସମାଜରେ ତାଙ୍କର ସ୍ୱର ଅଧିକ ଶକ୍ତିଶାଳୀ ହୋଇଯାଏ । ସେ ନିଷ୍ପତ୍ତି ନେଇପାରନ୍ତି, ଭବିଷ୍ୟତ ପାଇଁ ସଞ୍ଚୟ କରିପାରନ୍ତି ଏବଂ ସାହସର ସହିତ ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହୋଇପାରନ୍ତି । ସୁଭଦ୍ରା ଯୋଜନା ଆପଣଙ୍କୁ ସେହି ଆତ୍ମବିଶ୍ୱାସ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି । ଏହି ଯୋଜନା ସାମାଜିକ ନ୍ୟାୟ ମଧ୍ୟ ପ୍ରଦାନ କରୁଛି । ଏହା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ, ଗ୍ରାମାଞ୍ଚଳ, ଆଦିବାସୀ ସମ୍ପ୍ରଦାୟ, ସହରାଞ୍ଚଳ ଗରିବ ପରିବାର ଏବଂ ସାହାଯ୍ୟର ଆବଶ୍ୟକତା ଥିବା ସମସ୍ତ ମହିଳା ଓ ସେମାନଙ୍କ ପରିବାରଙ୍କୁ ସମର୍ଥନ କରିବା ଉପରେ ଧ୍ୟାନ ଦିଏ । କାରଣ ଆମର ଲକ୍ଷ୍ୟ ହେଉଛି, ବିକାଶ ଯାତ୍ରାରେ କେହି ପଛରେ ରହିବା ଉଚିତ୍ ନୁହେଁ।

ଆମ ସରକାର କେବଳ ସୁଭଦ୍ରା ଯୋଜନାରେ ସୀମାବଦ୍ଧ ହୋଇ ରହି ନାହାନ୍ତି। ଚଳିତ ବଜେଟରେ ରେକର୍ଡ ୮୯ ହଜାର ୮୬୨ କୋଟି ଟଙ୍କା କେବଳ ମା’ ମାନଙ୍କ ପାଇଁ ପ୍ରାବଧାନ କରାଯାଇଛି। ଏହି ପ୍ରାବଧାନ ମୋଟ ବଜେଟ ଆକାରର ପ୍ରାୟ ୩୦ ପ୍ରତିଶତ। ସୁଭଦ୍ରା ଯୋଜନାରେ ଦିଆଯାଇଥିବା ତିନୋଟି କିସ୍ତିର ସହାୟତା ରାଶି ରାଜ୍ୟର ମହିଳାମାନଙ୍କ ଆର୍ଥିକ ମେରୁଦଣ୍ଡକୁ ମଜଭୁତ୍ କରିବା ସହ ମହିଳାଙ୍କ ବିକାଶକୁ ଏକ ବଳ ଯୋଗାଇଛି । ଏହି ଧାରାକୁ ବଜାୟ ରଖିବା ସହ ସରକାର ପ୍ରତିଶ୍ରୁତିବଦ୍ଧ । ସୁଭଦ୍ରା ମାଧ୍ୟମରେ ଆମେ କେବଳ ଆର୍ଥିକ ସ୍ୱାଧୀନତା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରୁନାହୁଁ ବରଂ ଶିକ୍ଷା, ଦକ୍ଷତା, ଏବଂ ରୋଜଗାରର ସୁଯୋଗ ମଧ୍ୟରେ ଥିବା ବ୍ୟବଧାନକୁ ମଧ୍ୟ ଦୂର କରୁଛୁ ବୋଲି ସେ କହିଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ ସୁଭଦ୍ରା ଯୋଜନା ଶିଖାଇ ଦେଇଛି ଯେ ମହିଳା ଟିଏ ନିଜ ବଳରେ ନିଜର ଉଦ୍ୟମିତା ଆରମ୍ଭ କରିପାରେ। ସମ୍ମାନ, ସ୍ୱାବଲମ୍ବୀ ଓ ସ୍ୱାଭିମାନର ଲକ୍ଷ୍ୟ ନେଇ ଆମେ ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଓଡ଼ିଶା ଗଠନ କରିପାରିବା।

ଏହି ଅବସରରେ ୫ ସଫଳ ସୁଭଦ୍ରା ହିତାଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ ଏବଂ ସହାୟତା ରାଶି ଚେକ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ମହିଳା ଓ ଶିଶୁବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଏବଂ ବିଭାଗୀୟ ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ ପ୍ରମୁଖ ମଞ୍ଚାସୀନ ଥିଲେ।

## ଜାତୀୟ ମରୁଡ଼ି ...

ଆର୍ଦ୍ରତା ପରିଚାଳନା ଏବଂ ସମୟାନୁସାରେ ବିହନ, ସମ୍ପ୍ରଦାୟମାନଙ୍କ ଦ୍ୱାରା ରକ୍ଷଣାବେକ୍ଷଣ ସହିତ ବର୍ଣ୍ଣିତ ପୁନଃ ପରିପୂର୍ତ୍ତି ମାଧ୍ୟମରେ ଦୃଢ଼ ଜଳ ସୁରକ୍ଷା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃଷକ ଉତ୍ପାଦକ ସଂଗଠନମାନଙ୍କୁ ଇନପୁଟ୍, ଯାନ୍ତ୍ରିକୀକରଣ ଏବଂ ବଜାରରେ ପ୍ରବେଶ ପାଇବା ସହିତ ଅଧିକ ରୋଜଗାର ମାଧ୍ୟମରେ ସ୍ଥିର ଅମଳ ଏବଂ ଶୀଘ୍ର ବଢୁଥିବା ଫସଲ ଉପଲବ୍ଧ କରିପାରିବେ । ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ଜିଲ୍ଲାଗୁଡ଼ିକରେ ଏହାର ବ୍ୟାପକୀକରଣ କରିବା ପାଇଁ ଏକ ସଂକ୍ଷିପ୍ତ, ମାନକ ସୂଚକାଙ୍କ, ଅମଳ, ଫସଲ ତୀବ୍ରତା, ଜଳ ଉପଲବ୍ଧତା, ଉନ୍ନତ ଅଭ୍ୟାସ ଗ୍ରହଣ ଏବଂ ପରିବାର ଆୟ ଓ ପୁଷ୍ଟି ଉପରେ ପ୍ରଭାବକୁ ନିରୀକ୍ଷଣ କରିପାରିବ ।

ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ଶକ୍ତି ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ, ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳ ଲୋଚନ ମିଶ୍ରଙ୍କ ସଦୟ ଉପସ୍ଥିତିରେ ବୁଝାମଣା ପତ୍ରରେ ସ୍ୱାକ୍ଷର ହୋଇଥିଲା ।

## ଗୋଟିଏ ଝିଅ...

ଅର୍ଥାତ୍, ଦଶ ପୁଅଠାରୁ ଜଣେ ବ୍ୟକ୍ତି ଯେଉଁ ଗୁଣ, ଖ୍ୟାତି ଏବଂ ସନ୍ତୋଷ ପାଇଥାଏ ତାହା ଗୋଟିଏ ଝିଅଠାରୁ ମଧ୍ୟ ମିଳିପାରିବ। ଏହି ପ୍ରବାଦ ଭାରତୀୟ ସମାଜର ଚିନ୍ତାଧାରାକୁ ପ୍ରତିଫଳିତ କରେ, ଯେଉଁଠାରେ ଝିଅମାନଙ୍କୁ ବୋଝ ନୁହେଁ ବରଂ ଗର୍ବ ଏବଂ ଶକ୍ତିର ଉତ୍ସ ବୋଲି ବିବେଚନା କରାଯାଏ ।ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ବେଟି ବଚାଓ ବେଟି ପଢ଼ାଓ ଅଭିଯାନ ଗତ ୧୧ ବର୍ଷ ମଧ୍ୟରେ ଝିଅମାନଙ୍କ ପ୍ରତି ସମାଜର ଚିନ୍ତାଧାରାକୁ ପରିବର୍ତ୍ତନ କରିବା ଏବଂ ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସମାନ ସୁଯୋଗ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛି । ଆଜି ଭାରତର ଝିଅମାନେ ଶିକ୍ଷା, ବିଜ୍ଞାନ, କ୍ରୀଡ଼ା, ପ୍ରତିରକ୍ଷା, ଅନ୍ତରୀକ୍ଷ ଏବଂ ପ୍ରଶାସନ ଭଳି ପ୍ରତ୍ୟେକ କ୍ଷେତ୍ରରେ ଦେଶକୁ ଗୌରବ ଆଣୁଛନ୍ତି ।

## ୨୦୩୬ ସୁଦ୍ଧା ୯୦...

ପଦ୍ଧତିରେ ଜଳର ଅପଚୟ ହେଉଥିବାବେଳେ, ପାଣି ପଞ୍ଚାୟତ ମାଧ୍ୟମରେ ସମତାମୂଳକ ଓ ଦକ୍ଷ ଜଳ ବଣ୍ଟନ ସମ୍ଭବ ହୋଇପାରିଛି । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ମୟୂରଭଞ୍ଜର ଖଇରିବନ୍ଧନ ବ୍ୟାରେଜ୍, ବଲାଙ୍ଗିରର ଅପରଲାନ୍ତ ପ୍ରକଳ୍ପ, ସାଣ୍ଡୁଲ ଭୂତଳ ପାଇପଲାଇନ୍, ନୟାଗଡର ବୃତଙ୍ଗ ଜଳସେଚନ ପ୍ରକଳ୍ପ ସହିତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅନେକ ଜଳାଶୟ ଓ କେନାଲ ପ୍ରକଳ୍ପ ତ୍ୱରାନ୍ୱିତ ଭାବେ ଚାଲୁ ରହିଛି । ୨୦୩୬ ସୁଦ୍ଧା ଓଡିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଲକ୍ଷ୍ୟରେ ୯୦ ପ୍ରତିଶତରୁ ଅଧିକ ଚାଷଯୋଗ୍ୟ ଜମିକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ସରକାର ପ୍ରତିବଦ୍ଧ ହୋଇ କାର୍ଯ୍ୟ କରୁଛନ୍ତି । କୃଷକମାନଙ୍କୁ ଫସଲ ବିବିଧିକରଣ, ପନିପରିବା, ଫଳ ଓ ଫୁଲ ଚାଷ ମାଧ୍ୟମରେ ଆୟ ବୃଦ୍ଧି କରିବାକୁ ଆହ୍ୱାନ ଜଣାଇ ସେ କହିଛନ୍ତି ଯେ, ସମୃଦ୍ଧ କୃଷକ ବିନା ସମୃଦ୍ଧ ଓଡିଶା ଗଠନ ସମ୍ଭବ ନୁହେଁ। କୃଷକ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି । ଜଳବାୟୁ ସହନଶୀଳ କୃଷି ପାଇଁ ଓଡିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜଳବାୟୁ ସହନଶୀଳ କୃଷି ଅଭ୍ୟାସ ଏବଂ କୃଷି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର ମାଧ୍ୟମରେ ଫସଲର ବିବିଧତା ଏବଂ ସହନଶୀଳ ବିହନ ବ୍ୟବହାର ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ ଯେ, ଜଳସେଚନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାକୁ ଆପଣାଇବା ପାଇଁ ଆଇଓଟି ସକ୍ଷମ ଡିଜିଟାଲ ଜଳମାପ ଏବଂ ମୃତ୍ତିକାର ଆର୍ଦ୍ରତା ଜାଣିବା ପାଇଁ ସେନ୍‌ସିଙ୍ଗ୍ ସିଷ୍ଟମ ନିମନ୍ତେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ମ୍ୟାନେଜମେଣ୍ଟକୁ ଅନୁବନ୍ଧିତ କରାଯାଇଛି। ଏଥି ସହିତ ପାଣି ପଞ୍ଚାୟତ ଗୁଡିକର ଦକ୍ଷତା ବୃଦ୍ଧି ପାଇଁ ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ସହ ଏମ୍ଓୟୁ କରାଯାଇଛି । ନୂଆପଡା ଜିଲ୍ଲାର ଚାନ୍ଦପାଲାରେ ୨,୫୬୭ ହେକ୍ଟର ଜମିକୁ ଆଧୁନିକ ଜଳ ଦକ୍ଷତା ଏବଂ ଗୋଷ୍ଠୀ ଦ୍ୱାରା ପରିଚାଳିତ ଜଳସେଚନ ପରିଚାଳନା ପାଇଁ ପାଇଲଟ୍ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଚାଷୀ ମାନଙ୍କୁ କିପରି ଉତ୍ତମ ବଜାର ବ୍ୟବସ୍ଥା ଯୋଗାଇଦେବା ସହିତ ସେମାନଙ୍କ ଉତ୍ପାଦିତ ଫସଲକୁ ବାହାରକୁ ଦେଶକୁ ରପ୍ତାନୀ କରାଯାଇ ସେମାନଙ୍କୁ ଉତ୍ତମ ମୂଲ୍ୟ ଦିଆଯାଇ ପାରିବ ସେ ଦିଗରେ ସରକାର ଯୋଜନା କରୁଛନ୍ତି। ଚାଷୀଙ୍କ ଆୟ କିପରି ଦ୍ୱିଗୁଣିତ ହୋଇପାରିବ, ତାହା ଆମ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଇଞ୍ଜିନିୟର-ଇନ-ଚିଫ ସାଗର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଦିଲ୍ଲୀର ରାଜପଥରେ ...

ରଚିତ ଏହି ଗୀତ କେବଳ ଏକ ରଚନା ନୁହେଁ ବରଂ ଏକ ଆଧ୍ୟାତ୍ମିକ ଶକ୍ତି। ଅରବିନ୍ଦ ମଧ୍ୟ ଏହାକୁ ଏକ ମନ୍ତ୍ର ବୋଲି ବିବେଚନା କରିଥିଲେ ଯାହା ସାମୂହିକ ଚେତନା ଜାଗ୍ରତ କରିଥିଲା। ‘ସୁଜଲାମ୍-ସୁଫଲାମ୍’ ଭାବନା ସହିତ, ଏହି ଗୀତଟି ଦେଶକୁ ‘ମାତା’ ଭାବରେ କଳ୍ପନା କରିଥିଲା ଏବଂ ଉପନିବେଶବାଦ ସମୟରେ ଭାରତୀୟମାନଙ୍କ ମଧ୍ୟରେ ଆତ୍ମସମ୍ମାନ ଏବଂ ସାହସ ସୃଷ୍ଟି କରିଥିଲା। ଏହି ଅବସରରେ ବନ୍ଦେ ମାତରମ୍‌ର ମୂଳ ପାଣ୍ଡୁଲିପି ଟେବୁଲର ସାମ୍ନାରେ ପ୍ରଦର୍ଶିତ ହେବ। ସାରା ଦେଶରୁ ଲୋକ କଳାକାରମାନେ ଟେବୁଲ ସହିତ ରହିବେ, ଯାହା ଭାରତର ବିବିଧତାକୁ ପ୍ରଦର୍ଶନ କରିବ।

## ସରଣ୍ଡାରେ ସୁରକ୍ଷା ...

ପରେ ଝାଡ଼ଖଣ୍ଡରେ ଆଉ କୌଣସି ବଡ଼ ମାଓବାଦୀ ନାହାନ୍ତି। ହତ୍ୟା ଏବଂ ବୋମା ବିସ୍ଫୋରଣ ସମେତ ଅନେକ ଗୁରୁତର ଅପରାଧ ପାଇଁ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିଲା। ଗିରିଡିହ ଜିଲ୍ଲା, ପୁଲିସ ଷ୍ଟେସନ ପିରତାଣ୍ଡର ଝରାବାଲେ ଗ୍ରାମର ବାସିନ୍ଦା ଟୋଟୋ ମାରାଣ୍ଡି ଓରଫ ତରୁ ମାରାଣ୍ଡିଙ୍କ ପୁଅ ଅନଲ ଓରଫ ଟୁଫାନ, ଓରଫ ପତିରାମ ମାରାଣ୍ଡି, ଓରଫ ରମେଶ, ଦୀର୍ଘ ଦିନ ଧରି ସରଣ୍ଡା ଏବଂ ଗିରିଡିହ ଜଙ୍ଗଲରେ ସକ୍ରିୟ ଥିଲେ। ତାଙ୍କ ବିରୁଦ୍ଧରେ ହତ୍ୟା, ବୋମା ବିସ୍ଫୋରଣ, ଅସ୍ତ୍ରଶସ୍ତ୍ର ରଖିବା ଏବଂ ଡକାୟତି ସମେତ ଅନେକ ଗୁରୁତର ଅପରାଧ ପାଇଁ ମାମଲା ରୁଜୁ ହୋଇଥିଲା ।ଅନଲ କେବଳ ମାଓ କାର୍ଯ୍ୟକଳାପରେ ଜଡିତ ନଥିଲେ ବରଂ ଅନେକ ଥର ପୁଲିସ ଏବଂ ସିଆରପିଏଫ୍ ଅପରେସନରୁ ଖସିଯିବାରେ ସଫଳ ହୋଇଥିଲେ। ତାଙ୍କର ରଣନୀତି ଏବଂ ଚତୁରତା ଯୋଗୁଁ ତାଙ୍କୁ ରାଜ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଉଥିଲା। ସୂତ୍ର ଅନୁଯାୟୀ ଏହି ଭୟଙ୍କର ଏନକାଉଣ୍ଟରରେ ୧୬ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ସୁରକ୍ଷା ବାହିନୀର ସରକାରୀ ନିଶ୍ଚିତକରଣ ଅପେକ୍ଷା କରାଯାଇଛି।

# ଖଲ୍ଲିକୋଟ ଷ୍ଟେସନରେ ବିଶାଖା ଏବଂ ଫଲକନୁମା ଏକ୍ସପ୍ରେସର ପରୀକ୍ଷାମୂଳକ ରହଣି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଯାତ୍ରୀ ସୁବିଧା ବୃଦ୍ଧି ଏବଂ ରେଳ ସଂଯୋଗୀକରଣକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ଖଲ୍ଲିକୋଟ ରେଳ ଷ୍ଟେସନରେ ଟ୍ରେନ ନମ୍ବର ୧୭୦୧୫/୧୭୦୧୬ ଭୁବନେଶ୍ୱର ନୂତନ-ସିକନ୍ଦରାବାଦ-ଭୁବନେଶ୍ୱର ନୂତନ ବିଶାଖା ଏକ୍ସପ୍ରେସ ଏବଂ ଟ୍ରେନ ନମ୍ବର ୧୨୭୦୩/୧୨୭୦୪ ହାଓଡ଼ା-ସିକନ୍ଦରାବାଦ-ହାଓଡ଼ା ଫଲକନୁମା ଏକ୍ସପ୍ରେସର ପରୀକ୍ଷାମୂଳକ ରହଣି ଆରମ୍ଭ କରିଛି । ଟ୍ରେନ ନମ୍ବର ୧୭୦୧୫ ଭୁବନେଶ୍ୱର ନୂତନ-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ ୨୭ ଜାନୁଆରୀ ୨୦୨୬ ଠାରୁ କାର୍ଯ୍ୟକାରୀ ହୋଇ ୧୦:୧୨ ଘଣ୍ଟାରେ ଖଲ୍ଲିକୋଟ ଷ୍ଟେସନରେ ଅଟକିବ ଏବଂ ୧୦:୧୪ ଘଣ୍ଟାରେ ପ୍ରସ୍ଥାନ କରିବ। ସେହିପରି, ଟ୍ରେନ ନମ୍ବର ୧୭୦୧୬ ସିକନ୍ଦରାବାଦ-ଭୁବନେଶ୍ୱର ନୂତନ ବିଶାଖା ଏକ୍ସପ୍ରେସ ୨୬ ଜାନୁଆରୀ ୨୦୨୬ ଠାରୁ କାର୍ଯ୍ୟକାରୀ ହୋଇ ୧୨:୪୫ ଘଣ୍ଟାରେ ଖଲ୍ଲିକୋଟ ଷ୍ଟେସନରେ ଅଟକିବ ଏବଂ ୧୨:୪୭ ଘଣ୍ଟାରେ ପ୍ରସ୍ଥାନ କରିବ। ଟ୍ରେନ ନମ୍ବର ୧୨୭୦୩ ହାଓଡ଼ା-ସିକନ୍ଦରାବାଦ ଫଲକନୁମା ଏକ୍ସପ୍ରେସ ୨୭ ଜାନୁଆରୀ ୨୦୨୬ ଠାରୁ କାର୍ଯ୍ୟକାରୀ ହୋଇ ୧୬:୫୦ ଘଣ୍ଟାରେ ଖଲ୍ଲିକୋଟ ଷ୍ଟେସନରେ ଅଟକିବ ଏବଂ ୧୬:୫୨ ଘଣ୍ଟାରେ ପ୍ରସ୍ଥାନ କରିବ। ସେହିପରି, ଟ୍ରେନ ନମ୍ବର ୧୨୭୦୪ ସିକନ୍ଦରାବାଦ-ହାଓଡ଼ା ଫଲକନୁମା ଏକ୍ସପ୍ରେସ ୨୬ ଜାନୁଆରୀ ୨୦୨୬ ଠାରୁ ୦୮:୧୫ ଘଣ୍ଟାରେ ଖଲ୍ଲିକୋଟ ଷ୍ଟେସନରେ ଅଟକିବ ଏବଂ ୦୮:୧୭ ଘଣ୍ଟାରେ ପ୍ରସ୍ଥାନ କରିବ। ଏହି ଦୂରଗାମୀ ଏକ୍ସପ୍ରେସ/ସୁପରଫାଷ୍ଟ ଟ୍ରେନ ଗୁଡ଼ିକ ଭୁବନେଶ୍ୱର, ବ୍ରହ୍ମପୁର, ବିଶାଖାପାଟଣା, ସିକନ୍ଦରାବାଦ ଏବଂ ହାଓଡ଼ା (କୋଲକାତା) ଭଳି ପ୍ରମୁଖ ସହରଗୁଡ଼ିକୁ ସଂଯୋଗ କରେ। ଏହି ପଦକ୍ଷେପ ଦ୍ୱାରା ଖଲ୍ଲିକୋଟ ଏବଂ ଆଖପାଖ ଅଞ୍ଚଳର ଯାତ୍ରୀମାନେଙ୍କୁ ଭୁବନେଶ୍ୱର, ବ୍ରହ୍ମପୁର, ବିଶାଖାପାଟଣା ଏବଂ ମଧ୍ୟବର୍ତ୍ତୀ ସ୍ଥାନଗୁଡ଼ିକୁ ଉନ୍ନତ ସଂଯୋଗ ପ୍ରଦାନ କରି ଯାତ୍ରୀ ସୁବିଧା ଏବଂ ରେଳ ସଂଯୋଗୀକରଣକୁ ଉନ୍ନତ କରିବ ବୋଲି ଆଶା କରାଯାଉଛି। ସ୍ଥାନୀୟ ରେଳ ବ୍ୟବହାରକାରୀ ଏବଂ ଜନପ୍ରତିନିଧିଙ୍କ ଦୀର୍ଘଦିନର ଦାବିକୁ ଦୃଷ୍ଟିରେ ରଖି ପରୀକ୍ଷାମୂଳକ ଭାବରେ ଏହି ଷ୍ଟପେଜ୍ ଆରମ୍ଭ କରାଯାଇଛି।

# ୨୭ରେ ବ୍ୟାଙ୍କ ଧର୍ମଘଟ : ୫ ଦିନ କାର୍ଯ୍ୟ ଦିବସ ପ୍ରଚଳନ ପାଇଁ ୟୁଏଫ୍‌ବିୟୁର ଦାବି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବ୍ୟାଙ୍କିଂ ଶିଳ୍ପରେ ୫-ଦିନିଆ କାର୍ଯ୍ୟ ସପ୍ତାହ କାର୍ଯ୍ୟକାରୀ କରିବା ଏବଂ ବାକି ସବୁ ଶନିବାରଗୁଡିକୁ ଛୁଟି ଦିନ ଭାବରେ ଘୋଷଣା କରିବା ପାଇଁ ସରକାରଙ୍କ ମଞ୍ଜୁରୀ ମିଳିଛି ବର୍ତ୍ତମାନ ବ୍ୟାଙ୍କଗୁଡିକରେ ୨ୟ ଏବଂ ୪ର୍ଥ ଶନିବାର ଛୁଟି ରହିଛି ।

ଏହା ୭-୧୨-୨୦୨୩ ରେ ଆଇବିଏ ଏବଂ ୟୁଏଫ୍‌ବିୟୁ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣା ପତ୍ର (ଏମ୍ଓୟୁ) ଉପରେ ଆଧାରିତ ଏବଂ ୮-୩-୨୦୨୪ର ବନ୍ଦୋବସ୍ତ/ ମିଳିତ ନୋଟ୍‌ରେ ସହମତି ଅନୁଯାୟୀ, ଇଣ୍ଡିଆନ୍ ବ୍ୟାଙ୍କସ୍ ଆସୋସିଏସନ୍ ଦ୍ୱାରା ସୁପାରିଶ କରାଯାଇଛି ।

ବ୍ୟାଙ୍କିଂ କ୍ଷେତ୍ରରେ ୫ ଦିନ କାର୍ଯ୍ୟ ଦିବସ ପ୍ରଚଳନ ପାଇଁ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ ତରଫରୁ ଆମେ ଦାବି କରି ଆସୁଛୁ। ୨୦୧୫ରେ ସ୍ୱାକ୍ଷରିତ ୧୦ମ ଦ୍ୱିପାକ୍ଷିକ ୭ମ ଯୁଗ୍ମ ସୂଚନା ଅନୁଯାୟୀ, ଆଇବିଏ ଏବଂ ସରକାର ଏହାକୁ ସ୍ୱୀକାର କରିଥିଲେ ଏବଂ ସେହି ଅନୁଯାୟୀ, ପ୍ରତି ମାସର ୨ୟ ଏବଂ ୪ର୍ଥ ଶନିବାର ଛୁଟି ଘୋଷିତ ହୋଇଛି, କିନ୍ତୁ ଅନ୍ୟ ଶନିବାରଗୁଡ଼ିକ ଅଧା ଦିନ କାର୍ଯ୍ୟ ବଦଳରେ ସମ୍ପୂର୍ଣ୍ଣ କାର୍ଯ୍ୟ ଦିବସ ଭାବରେ ପାଳନ କରାଯାଉଛି। ସେ ସମୟରେ, ଏହା ଆଶ୍ୱାସନା ଦିଆଯାଇଥିଲା ଯେ ବାକି ସମସ୍ତ ଶନିବାରକୁ ଛୁଟି ଦିନ ଭାବରେ ଘୋଷଣା କରିବାର ଆମର ଦାବିକୁ ଯଥା ସମୟରେ ବିଚାର କରାଯିବ। କିନ୍ତୁ ଏହି ପ୍ରସ୍ତାବକୁ ସ୍ଥଗିତ ରଖାଯାଇଥିଲା।

୨୦୨୨ରେ, ସରକାର ଏବଂ ଇଣ୍ଡିଆନ୍ ବ୍ୟାଙ୍କସ୍ ଆସୋସିଏସନ (ଆଇବିଏ) କାର୍ଯ୍ୟ ସମୟ ବୃଦ୍ଧି କରିବା ପାଇଁ ୟୁଏଫ୍‌ବିୟୁ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ସହମତ ଦେଇଥିଲେ, ଯାହାଦ୍ୱାରା ବାକି ଶନିବାରଗୁଡ଼ିକୁ ଛୁଟି ଦିନ ଘୋଷଣା କରାଯାଇପାରିବ ।

୨୦୨୩ରେ, ଆଲୋଚନା ପରେ ଏହା ସହମତି ହୋଇଥିଲା ଯେ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ଦୈନିକ କାର୍ଯ୍ୟ ସମୟ ୪୦ ମିନିଟ୍ ବୃଦ୍ଧି କରାଯିବ ଏବଂ ବାକି ଶନିବାରଗୁଡ଼ିକୁ ଛୁଟି ଦିନ ଘୋଷଣା କରାଯିବ। ଏହା ସରକାରଙ୍କୁ ବିଧିବଦ୍ଧ ଭାବେ ସୁପାରିଶ କରାଯାଇଥିଲା କିନ୍ତୁ ଦୁର୍ଭାଗ୍ୟବଶତଃ, ଏହା ଦୁଇ ବର୍ଷ ଧରି ସରକାରଙ୍କ ଅନୁମୋଦନ ପାଇଁ ପଡ଼ି ରହିଛି। ସରକାରଙ୍କ ତରଫରୁ କୌଣସି ଜବାବ ନ ମିଳିବାରୁ, ୟୁଏଫବିୟୁ ୨୪ ଏବଂ ୨୫ ମାର୍ଚ୍ଚ ୨୦୨୫ରେ ୨ ଦିନିଆ ଧର୍ମଘଟର ଡାକରା ଦେଇଥିଲା। ସେହି ସମୟରେ ଆମକୁ ସୂଚନା ଦିଆଯାଇଥିଲା ଯେ ଏହି ପ୍ରସଙ୍ଗ ଭାରତ ସରକାରଙ୍କ ନିକଟରେ ସକ୍ରିୟ ବିଚାରାଧୀନ ଅଛି ଏବଂ ସେଥିପାଇଁ ଧର୍ମଘଟକୁ ସ୍ଥଗିତ ରଖାଯାଇଥିଲା । ଏତେ ଗମ୍ଭୀର ପ୍ରତିଶ୍ରୁତି ପରେ ମଧ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ ଦିଆଯାଉ ନାହିଁ। ତେଣୁ ୟୁନାଇଟେଡ଼ ଫୋରମ ଅଫ୍ ବ୍ୟାଙ୍କ ୟୁନିଅନ୍ସ, ବିଭିନ୍ନ ପ୍ରତିବାଦ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଆସନ୍ତା ୨୭ରେ ଧର୍ମଘଟର ଡାକରା ଦେଇଛି।

# ଜାତୀୟ ଭୋଟର ଦିବସ ପାଳିତ : ସଂକଳ୍ପ ପାଠ କରାଇଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୧୬ ତମ ଜାତୀୟ ମତଦାତା ଦିବସ ଗୁରୁବାର ଲୋକସେବା ଭବନରେ ପାଳିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ସଂକଳ୍ପ ପାଠ କରାଇଥିଲେ । ପ୍ରତିବର୍ଷ ସମଗ୍ର ଦେଶରେ ଜାନୁଆରୀ ୨୫ ତାରିଖରେ ଜାତୀୟ ମତଦାତା ଦିବସ ପାଳନ କରାଯାଉଥିବା ବେଳେ ଏବର୍ଷ ଜାନୁଆରୀ ୨୫ ତାରିଖ ରବିବାର ଏବଂ ପୂର୍ବବର୍ତ୍ତୀ ୨୩ ଓ ୨୪ ତାରିଖ ସରକାରୀ ଛୁଟି ଦିବସ ପଡୁଥିବାରୁ ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଆଧାରରେ ରାଜ୍ୟବ୍ୟାପୀ ଆଜି ଜାତୀୟ ମତଦାତା ଦିବସ ପାଳନ ପାଇଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା ।

ଚଳିତ ବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ରହିଛି- ‘ମୋ ଭାରତ ମୋ ଭୋଟ’ । ଭାରତର ନାଗରିକ ଭାବରେ ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖି, ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ତଥା ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁର୍ଣ୍ଣ ରଖି, ନିର୍ଭିକ ହୋଇ, ଜାତି,



ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକାର ସାବ୍ୟସ୍ତ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଏହି ଶପଥ ପାଠ କାର୍ଯ୍ୟକ୍ରମ ସମୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ସମେତ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଯୋଜନା ଓ ସଂଯୋଜନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ମତଦାତା ଦିବସର ସଂକଳ୍ପ ପାଠ କରିଥିଲେ । ସେହିପରି ଲୋକସେବା ଭବନ ଏବଂ ଖାରବେଳ ଭବନସ୍ଥିତ ବିଭିନ୍ନ ବିଭାଗର କାର୍ଯ୍ୟାଳୟରେ ମଧ୍ୟ ମତଦାତାଙ୍କ ସଂକଳ୍ପପାଠ କରାଯାଇଛି ।

## ଅଚାନକ ଆଇଜି ପାର୍କ ପରିଦର୍ଶନ କଲେ ନଗର ଉନ୍ନୟନ ମନ୍ତ୍ରୀ

# ରକ୍ଷଣାବେକ୍ଷଣରେ ତୁରନ୍ତ ସୁଧାର ଆଣିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଗୁରୁବାର ଆଇଜି ପାର୍କ (ଇନ୍ଦିରା ଗାନ୍ଧୀ ପାର୍କ) ଅଚାନକ ପରିଦର୍ଶନ କରି ସେଠାରେ ଜନସାଧାରଣଙ୍କ ପାଇଁ ଉପଲବ୍ଧ ସୁବିଧା ଏବଂ ପାର୍କର ସାମଗ୍ରିକ ରକ୍ଷଣାବେକ୍ଷଣର ସମୀକ୍ଷା କରିଛନ୍ତି। ଭୁବନେଶ୍ୱର ସହରର ଏକ ପ୍ରମୁଖ ସ୍ଥାନରେ ଅବସ୍ଥିତ ଏହି ପାର୍କକୁ ପ୍ରତିଦିନ ବହୁ ସଂଖ୍ୟାରେ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦା ଆସୁଥିବାରୁ ଏହାର ଯତ୍ନ ଏବଂ ପରିମଳ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ। ପରିଦର୍ଶନ ସମୟରେ ମନ୍ତ୍ରୀ ସେଠାକୁ ଆସିଥିବା ପର୍ଯ୍ୟଟକମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କୁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ପାର୍କର ଅବ୍ୟବସ୍ଥା, ବିଶେଷ କରି ଶୌଚାଳୟ ଏବଂ ପରିସ୍ରାଗାରର ଶୋଚନୀୟ ଅବସ୍ଥା ଦେଖି ଡକ୍ଟର ମହାପାତ୍ର ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିରେ ତୁରନ୍ତ ସୁଧାର ଆଣିବା ସହ ଉପଯୁକ୍ତ ପରିମଳ, ନିୟମିତ ରକ୍ଷଣାବେକ୍ଷଣ ଏବଂ ସେବା ମାନରେ ଉନ୍ନତି ଆଣିବାକୁ ସେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏହି ଅବହେଳା ଜାରି ରହେ, ତେବେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ମନ୍ତ୍ରୀଙ୍କ ଏହି ପରିଦର୍ଶନ ସମୟରେ ଭୁବନେଶ୍ୱର ମହାନଗର ନିଗମର ଡେପୁଟି କମିଶନର ଶ୍ରୀ ଏନ୍. ଗଣେଶ ବାବୁ ଉପସ୍ଥିତ ଥିଲେ। ପାର୍କକୁ ସବୁବେଳେ ସ୍ୱଚ୍ଛ, ନିରାପଦ ଏବଂ ପରିଦର୍ଶକ-ଅନୁକୂଳ କରିବା ପାଇଁ ଅଧିକାରୀ ଓ ରକ୍ଷଣାବେକ୍ଷଣ କର୍ମଚାରୀମାନଙ୍କୁ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବରିଷ୍ଠ ସାମ୍ବାଦିକ ରବି କାନୁନ୍‌ଗୋଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦୈନିକ ଖବରକାଗଜ ସୂର୍ଯ୍ୟପ୍ରଭାର ସମ୍ପାଦକ ରବି କାନୁନ୍‌ଗୋଙ୍କ ପରଲୋକ ଘଟିଛି । ଓଡ଼ିଆ ସାମ୍ବାଦିକତାରେ ତାଙ୍କ ଅବଦାନ ସର୍ବଦା ଚିରସ୍ମରଣୀୟ ହୋଇରହିବ। ଓଡ଼ିଶାର ଜଣେ ଜଣାଶୁଣା ଶ୍ରମିକ ନେତା ଏବଂ ନିୟମିତ ସ୍ତମ୍ଭକାର ଭାବେ ପରିଚିତ ଥିଲେ। ସାହିତ୍ୟ ଏବଂ ସଂସ୍କୃତି କ୍ଷେତ୍ରରେ ଅବଦାନ ନିମନ୍ତେ ସ୍ୱର୍ଗତଃ କାନୁନ୍‌ଗୋଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଛି । ସ୍ୱର୍ଗତଃ କାନୁନ୍‌ଗୋଙ୍କ ରଚିତ ପୁସ୍ତକ କଥା କିଂଚିତ୍, କାଗଜ ବାଘ, କେଶବତୀ କନ୍ୟା, ଅଇନା, ପୁଅ ଓ କୋଡିଏଟି ଗପ, ଆଶା ତମସା, ଏକ ରାଜ୍ୟପାଳଙ୍କ ଅନୁଭୂତି, ସବୁ ନାରୀ ଟିକେ ଟିକେ ସୀତା ଆଦି ପାଠକୀୟଙ୍କ ମଧ୍ୟରେ ବେଶ୍ ଆଦୃତ ଲାଭ କରିଛି । ସେ ଜଣେ ସରଳ, ନିଷ୍ଠାବାନ ଓ ଅମାୟିକ ବ୍ୟକ୍ତିଭାବେ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ସ୍ୱର୍ଗତଃ କାନୁନ୍‌ଗୋଙ୍କ ବିୟୋଗରେ ସାହିତ୍ୟ, ସଂସ୍କୃତି ଓ ସାମ୍ବାଦିକ ଜଗତରେ ଅପୂରଣୀୟ କ୍ଷତି ହୋଇଛି ବୋଲି କହି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ସ୍ୱର୍ଗତଃ କାନୁନ୍‌ଗୋଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ସମବେଦନା ଜଣାଇ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରାର୍ଥନା କରିଛନ୍ତି ।

ଭୁବନେଶ୍ୱର
୨୩ ଜାନୁଆରୀ,
ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ବିଫଳ ପ୍ରେମିକର ବୋମା ଧମକ : ଡ୍ରୋନ ଜବତ, ଯୁବକ ଗିରଫ

**ପୁରୀ, ୨୨/୦୧ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡାଇବା ଓ ବୋମା ମାଡ଼ ଧମକ ଘଟଣାର ପର୍ଦ୍ଦାଫାଶ କରିଛି ପୁରୀ ପୋଲିସ। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିବା ସହ ଉଡୁଥିବା ଡ୍ରୋନକୁ ଜବତ କରିଛି । ତେବେ ଡ୍ରୋନ ଉଡାଇଥିବା ବ୍ୟକ୍ତିଙ୍କୁ ଜେରା କରିବା ପରେ ଛାଡି ଦେଇଛି ପୋଲିସ। ଏକ ପ୍ରେସ ବାର୍ତ୍ତାରେ ସୂଚନା ଦେଇ ପୁରୀ ପୋଲିସ କହିଛି, ଶ୍ରୀମନ୍ଦିରରେ ବୋମାମାଡ ତଥା ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କୁ ଗୁଳିମାଡ ହେବ ବୋଲି ଧମକପୂର୍ଣ୍ଣ ବାର୍ତ୍ତା ସୋସିଆଲ ମିଡ଼ିଆରେ ପୋଷ୍ଟ ହୋଇଥିଲା। ଏହି ଘଟଣାର ତଦନ୍ତ କରି ପୁରୀ ପୋଲିସ ପ୍ରତୀକ ମିଶ୍ର (୩୦)ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ପ୍ରତୀକର ଘର କେନ୍ଦ୍ରାପଡ଼ା ଜିଲ୍ଲା ସଦରଥାନା ଅନ୍ତର୍ଗତ ଅଢ଼ଙ୍ଗରେ। ପୋଲିସର କହିବା ଅନୁଯାୟୀ,




ଅଭିଯୁକ୍ତ ପ୍ରତୀକ ମିଶ୍ର ସୋସିଆଲ ମିଡ଼ିଆ ଫେସବୁକରେ ଜୁଲି ରାଣୀ ପଣ୍ଡା ନାମକ ଏକ ଆକାଉଣ୍ଟରେ ଏହି ଧମକପୂର୍ଣ୍ଣ ପୋଷ୍ଟ ସେୟାର କରିଥିଲା। ଏ ନେଇ ପୋଲିସ ତା’ ବିରୋଧରେ ସିଂହଦ୍ୱାର ଥାନାରେ କେଶ ନଂ ୧୮ / ୨୬ରେ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ ପରେ ପୋଲିସ ଜାଣିବାକୁ ପାଇଥିଲା ଯେ, ଜୁଲି ରାଣୀ ପଣ୍ଡା ନାମ୍ନୀ ମହିଳାଙ୍କୁ ସେ ପ୍ରେମ କରୁଥିଲା। ମହିଳା ଜଣଙ୍କ ରାଜି ନ ହେବାରୁ ତାଙ୍କ ସିମ୍ ବ୍ୟବହାର କରି ଗତ ୧୧ ତାରିଖରେ ପ୍ରତୀକ ତାଙ୍କ ନାମରେ ଆକାଉଣ୍ଟ ଖୋଲିଥିଲା। ତାଙ୍କୁ ବଦନାମ କରିବାକୁ ଯାଇ ସେ ଏପରି ଧମକପୂର୍ଣ୍ଣ ପୋଷ୍ଟ କରିଥିଲା । ହେଲେ ନିଜ ଜାଲରେ ନିଜେ ଫସିଗଲା। ଅନ୍ୟ ପକ୍ଷେ ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ାଇବା ଅଭିଯୋଗରେ ମଧୁସୂଦନ ଷଡ଼ଙ୍ଗୀ (୨୫) ନାମକ ଜଣେ ଯୁବକକୁ ଧରିଛି ପୋଲିସ । ସେ ଉଡାଉଥିବା ଡ୍ରୋନକୁ ଜବତ କରି ତଦନ୍ତ ଚଳାଇଛି । ମଧୁସୂଦନର ଘର କଟକ କାଜିଡିହ ଅଞ୍ଚଳରେ । ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ାଇବା କଟକଣା ଥିବା ବେଳେ ଏହାକୁ ଉଲ୍ଲଂଘନ କରି ମଧୁସୂଦନ ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ାଇଥିଲା। ଏ ନେଇ ସିଂହ ଦ୍ୱାର ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ବୁଧବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିକଟରେ ଡ୍ରୋନ ଉଡୁଥିବାର ନଜର ଆସିଥିଲା। ସଙ୍ଗେ ସଙ୍ଗେ ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଦୋଳମଣ୍ଡପ ସାହି ନିକଟରୁ ଅଭିଯୁକ୍ତକୁ ଧରିଥିଲା ପୋଲିସ।

# ପଶ୍ଚିମ ଓଡ଼ିଶାରେ ହେବ ୩୦ହଜାର କୋଟିର ନିବେଶ

**ଭୁବନେଶ୍ୱର, ୨୨/୦୧ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନିଆ ପଶ୍ଚିମ ଓଡ଼ିଶା ଗସ୍ତ କରିବେ। ସେଠାରେ ସେ ୩୦ ହଜାର କୋଟି ଟଙ୍କା ନିବେଶର ୨୦ଟି ପ୍ରକଳ୍ପକୁ ଉଦ୍ଘାଟନ ଓ ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ରାଜ୍ୟରେ ୧୦ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଚଳିତ ମାସ ୨୭ରେ ସେ ସମ୍ବଲପୁରର ଲପଙ୍ଗାରେ ହିଣ୍ଡାଲ୍କୋ ପକ୍ଷରୁ ସ୍ଥାପନ କରାଯାଇଥିବା ଭାରତର ପ୍ରଥମ ଏଫ୍‌ଆରବି ୟୁନିଟ୍‌କୁ ଉଦ୍ଘାଟନ କରିବେ। ୨୭ ତାରିଖରେ ସେ ରାଉରକେଲାରେ ଏଣ୍ଟରପ୍ରାଇଜ୍ ଓଡ଼ିଶା ୨୦୨୬କୁ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସିଆଇଆଇ ସହଯୋଗରେ ଆୟୋଜନ କରାଯାଉଥିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ପଶ୍ଚିମ ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ନିବେଶ ବଢ଼ାଇବା ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା। ନିକଟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ହାଇଦ୍ରାବାଦ ଓ କୋଲକାତାରେ ଅନୁଷ୍ଠିତ ନିବେଶକ ସମ୍ମିଳନୀରେ ଯୋଗଦେଇ ସେଠାରୁ ସମୁଦାୟ ୧.୬୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆଣିଛନ୍ତି। ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ଲାଗି ରାଜ୍ୟ ଭିତରେ ମଧ ଉଦ୍ୟମ କରାଯାଉଛି। ସବୁ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ଉପରେ ସରକାର ଜୋର ଦେଉଛନ୍ତି। ରାଜ୍ୟରେ ଶ୍ରୀ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ଶାସନ ଭାର ଗ୍ରହଣ କରିବା ପରଠାରୁ ପଶ୍ଚିମ ଓଡ଼ିଶା ପାଇଁ ୧,୨୮,୪୭୨ କୋଟି ଟଙ୍କାର ପୁଞ୍ଜିନିବେଶକୁ ମଞ୍ଜୁର କରାଯାଇଛି। ସେହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ୬୯,୩୩୮ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ଓଡ଼ିଶାର ଶିଳ୍ପ ରୂପାନ୍ତରଣରେ ପଶ୍ଚିମ ଓଡ଼ିଶା ଆଗରେ ରହିଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ଅଭିବୃଦ୍ଧିର ଲାଭକୁ ରାଜ୍ୟର କୋଣ ଅନୁକୋଣରେ ପହଞ୍ଚାଇବାକୁ ପ୍ରୟାସ କରୁଛୁ। ନିବେଶକମାନଙ୍କ ସହ ଯୋଡ଼ିହେବା ଲାଗି ଏଣ୍ଟରପ୍ରାଇଜ୍ ଓଡ଼ିଶା ଚମତ୍କାର ମଞ୍ଚ ପ୍ରଦାନ କରିବ ବୋଲି ସେ କହିଛନ୍ତି।

# ଅଦାଲତ ଅବମାନନା ମାମଲାରୁ ମୁକୁଳିଲେ ରାଜ୍ୟର ୨ ବରିଷ୍ଠ ଆଇ.ଏ.ଏସ ଅଧିକାରୀ

**କଟକ, ୨୨/୦୧ ନ୍ୟୁଜ ବ୍ୟୁରୋ**

ଅଦାଲତ ଅବମାନନା ମାମଲାରୁ ମୁକୁଳିଲେ ରାଜ୍ୟର ୨ ବରିଷ୍ଠ ଆଇ.ଏ.ଏସ ଅଧିକାରୀ। ଉଚ୍ଚଶିକ୍ଷା ସଚିବ ଏବଂ ଗଣଶିକ୍ଷା ସଚିବ ଉଭୟଙ୍କ ବିରୁଦ୍ଧରେ ଗତ ୧୬ ତାରିଖ ଦିନ ଗିରଫ ପରୱାନା ଜାରି କରିଥିଲେ ହାଇକୋର୍ଟ । ୨୨ ତାରିଖ ସୁଦ୍ଧା ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନଥିଲେ ଉଭୟଙ୍କୁ ଗିରଫ କରିବା ଲାଗି କୋର୍ଟଙ୍କ ନିର୍ଦ୍ଦେଶ ଥିଲା। ତେବେ ଉଭୟ ଅଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇଥିବା ନେଇ ସତ୍ୟପାଠ ଦାଖଲ କରାଯାଇଛି। ଉଭୟ ସଚିବ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କଲା ପରେ ଅଦାଲତ ଅବମାନନା ମାମଲାକୁ ରଦ୍ଦ କରିଛନ୍ତି ହାଇକୋର୍ଟ। କୁଜଙ୍ଗ କଲେଜର ଅବସରପ୍ରାପ୍ତ ରିଡର ତପନ ପଟ୍ଟନାୟକ ଏବଂ ବେଣୁଧର ଦାସ ନାମକ ଜଣେ ସରକାରୀ କର୍ମଚାରୀ ଉଭୟ ଉଚ୍ଚଶିକ୍ଷା ସଚିବ ଓ ଗଣଶିକ୍ଷା ସଚିବଙ୍କ



ବିରୁଦ୍ଧରେ ୨ଟି ପୃଥକ ପୃଥକ ମାମଲା ଦାୟର କରିଥିଲେ । ତେବେ ସମାନ ଢ଼ଙ୍ଗରେ ଢେଙ୍କାନାଳ ଡିଇଓଙ୍କ ବିରୁଦ୍ଧରେ ମଧ ଗିରଫ ପରୱାନା ଜାରି ହୋଇଥିଲା। ତେବେ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ଲାଗି ସେ ମହଲତ ଲୋଡିଛନ୍ତି ଯାହାକୁ ମଞ୍ଜୁରୀ ଦେଇଛନ୍ତି ହାଇକୋର୍ଟ । ଆସନ୍ତା ୩୦ ତାରିଖ ଦିନ ଡିଇଓଙ୍କ ବିରୁଦ୍ଧରେ ଦାୟର ହୋଇଥିବା ଅଦାଲତ ଅବମାନନା ମାମଲାର ଶୁଣାଣି ହେବ ବୋଲି ସୂଚନା ମିଳିଛି।

## ଧାର ଭୋଜଶାଳା ମାମଲାରେ ସୁପ୍ରିମକୋର୍ଟଙ୍କ ବଡ଼ ରାୟ

# ବସନ୍ତ ପଞ୍ଚମୀ ପୂଜା ହେବ : ନମାଜ ବି ପଢାଯିବ

**ନୂଆଦିଲ୍ଲୀ,୨୨।୧**

ମଧ ପ୍ରଦେଶର ଧାର ଜିଲ୍ଲାରେ ବିବାଦୀୟ ଭୋଜଶାଳାରେ ବସନ୍ତ ପଞ୍ଚମୀ ଦିନ ପୂଜା ସହ ନମାଜ ମଧ ହେବ। ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ କହିଛନ୍ତି, ହିନ୍ଦୁଙ୍କୁ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ପୂଜା କରିବାର ଅନୁମତି ମିଳିବ। ସେହିଭଳି ମୁସଲମାନଙ୍କୁ ମଧ୍ୟାହ୍ନ ୧ଟାରୁ ୩ଟା ପର୍ଯ୍ୟନ୍ତ ଶୁକ୍ରବାର ନମାଜ ପଢିବାକୁ ଅନୁମତି ଦିଆଯାଇଛି।

ହିନ୍ଦୁ ଓ ମୁସଲମାନ ଗୋଷ୍ଠୀ ୨୩ ଜାନୁଆରୀ, ଶୁକ୍ରବାର ଭୋଜଶାଳା ପରିସରରେ ଧାର୍ମିକ ଗତିବିଧି ପାଇଁ ଅନୁମତି ମାଗିଥିଲେ। ଏହି ଦିନ ବସନ୍ତ ପଞ୍ଚମୀ ଅବସରରେ ସରସ୍ୱତୀ



ପୂଜା ବି କରାଯିବ। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ବିପୁଳ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ ଦୁଇ ପକ୍ଷଙ୍କୁ ପାରସ୍ପରିକ ସମ୍ମାନ ଓ ଆଇନ ବ୍ୟବସ୍ଥା ବଜାୟ ରଖିବା ପାଇଁ ରାଜ୍ୟ ଓ ଜିଲ୍ଲା ପ୍ରଶାସନ ସହ ସହଯୋଗ କରିବାକୁ ଅପିଲ କରିଛନ୍ତି।’

ଖଣ୍ଡପୀଠ ଜିଲ୍ଲା ପ୍ରଶାସନଙ୍କୁ ସେହି ସ୍ଥାନରେ ଆଇନ ବ୍ୟବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ସବୁଠାରୁ ବଡ଼ କୋର୍ଟ କହିଛନ୍ତି, ବିବାଦୀୟ ଭୋଜଶାଳାରେ ନମାଜ ପାଇଁ ଆସୁଥିବା ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିଙ୍କ ସଂଖ୍ୟା ଜିଲ୍ଲା ପ୍ରଶାସନକୁ କୁହାଯାଉ। ହିନ୍ଦୁ ସମ୍ପ୍ରଦାୟ ଭୋଜଶାଳାକୁ ବାଗଦେବୀ (ଦେବୀ ସରସ୍ୱତୀ)ଙ୍କ ମନ୍ଦିର କହୁଛି। ସେଭଳି ମୁସଲମାନ ପକ୍ଷ ଏହାକୁ କମାଲ ମୌଲା ମସଜିଦ୍ କହୁଛି। ଏଏସ୍‌ଆଇର ୭ ଏପ୍ରିଲ ୨୦୦୩ରେ ଜାରି ବ୍ୟବସ୍ଥା ଅନୁସାରେ, ହିନ୍ଦୁଙ୍କୁ ପ୍ରତି ମଙ୍ଗଳବାର ଭୋଜଶାଳାରେ ପୂଜା କରିବାର ଅନୁମତି ରହିଛି। ସେଭଳି ମୁସଲମାନମାନେ ପ୍ରତି ଶୁକ୍ରବାର ଏଠାରେ ନମାଜ ପଢିପାରିବେ। ଗତ ୨୩ ବର୍ଷ ଧରି ଏହି ବ୍ୟବସ୍ଥା ରହିଛି। ଏଥର ଶୁକ୍ରବାର ଦିନ ହିଁ ବସନ୍ତ ପଞ୍ଚମୀ କାରଣରୁ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଏହା ପୂର୍ବରୁ ୨୦୧୬ରେ ମଧ ବସନ୍ତ ପଞ୍ଚମୀ ଶୁକ୍ରବାର ଥିଲା। ସେତେବେଳେ ଭୋଜଶାଳାରେ ପୂଜା ଓ ନମାଜର ସମୟକୁ ନେଇ ବିବାଦ ହୋଇଥିଲା। ସ୍ଥାନୀୟ ସ୍ତରରେ ବିରୋଧ ପ୍ରଦର୍ଶନ ଓ ସଂଘର୍ଷ ହୋଇଥିଲା । ଏଥର ପ୍ରଶାସନ ପୂର୍ବରୁ ହିଁ ସୁରକ୍ଷା ବଢାଇ ଦେଇଛି ବୋଲି ସୂଚନା ମିଳିଛି।

## ୧୦ ଜିଲ୍ଲା ପରିଷଦ ସଭାପତିଙ୍କ ସହ ନବୀନ ପଟ୍ଟନାୟକଙ୍କ ଆଲୋଚନା

# ପଞ୍ଚାୟତିରାଜ ବ୍ୟବସ୍ଥାର କ୍ଷମତା ହଡପ ଉଦ୍ୟମ ରୋକିବାକୁ ଆଇନଗତ ଲଢେଇ କରାଯିବ

**ଭୁବନେଶ୍ୱର,୨୨/୦୧ ନ୍ୟୁଜ ବ୍ୟୁରୋ**

ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଗୁରୁବାର ଅପରାହ୍ନରେ ୧୦ଟି ଜିଲ୍ଲାର ଜିଲ୍ଲା ପରିଷଦ ସଭାପତିମାନଙ୍କ ସହ ସେମାନଙ୍କ ଜିଲ୍ଲାର ବିକାଶ କାମ ଓ ଆଗାମୀ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ। ଆଲୋଚନାରେ ଭାଗ ନେଇ ଜିଲ୍ଲା ପରିଷଦ ସଭାପତିମାନେ ପଞ୍ଚାୟତି ପ୍ରତିନିଧିମାନଙ୍କ କ୍ଷମତାକୁ ରାଜ୍ୟ ସରକାର ହଡପ କରି ପ୍ରଶାସନକୁ ଦେଇଥିବାରୁ ତୃଣମୂଳ ସ୍ତରରେ ସୃଷ୍ଟି ହେଉଥିବା ଅସନ୍ତୋଷ ବିଷୟରେ ଶ୍ରୀ ପଟ୍ଟନାୟକଙ୍କୁ ଅବଗତ କରିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଦୁର୍ବଳ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ଶ୍ରୀ ପଟ୍ଟନାୟକ ନାପସନ୍ଦ କରିବା ସହିତ ଏଥିପାଇଁ ଆଇନଗତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାକୁ ବିଜୁ



ବାବୁଙ୍କ ଆଦର୍ଶରେ ବିଜେଡି ସରକାର ଅନେକ ସକାରାତ୍ମକ ପଦକ୍ଷେପ ନେଇଥିଲା। କୌଣସି ପରିସ୍ଥିତିରେ ବି ପଞ୍ଚାୟତକୁ ଦୁର୍ବଳ କରିବା ଉଦ୍ୟମକୁ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ସରକାରଙ୍କ ଅସହଯୋଗ ପରି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବିକାଶ କାମ ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ନିଜ ନିଜ ଜିଲ୍ଲାରେ ପଞ୍ଚାୟତ ନିର୍ବାଚନ ପାଇଁ ଦଳୀୟ ସ୍ତରରେ ପ୍ରସ୍ତୁତି ଆରମ୍ଭ କରିବାକୁ ଶ୍ରୀ ପଟ୍ଟନାୟକ ଜିଲ୍ଲା ପରିଷଦ ସଭାପତିମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ନାରାୟଣ ପ୍ରଧାନ, କଟକର କିଶୋର ଚନ୍ଦ୍ର ମିଶ୍ର, ବଲାଙ୍ଗୀରର ଦେବକୀ ସାହୁ, ବରଗଡ଼ର ମାନିନୀ ଭୋଇ, ମାଲକାନଗିରିର ସମାରି ଟାଙ୍ଗୁଲୁ, ଅନୁଗୁଳର ବବିତା ପ୍ରଧାନ, ଗଞ୍ଜାମର ଅଞ୍ଜଳି ସ୍ୱାଇଁ, ଜଗତସିଂହପୁରର ମନୋରଞ୍ଜନ ଭୋଇ, ନୟାଗଡ଼ର ଦେବାଶିଷ ପଟ୍ଟନାୟକ ଓ ନବରଙ୍ଗପୁରର ମୋତିରାମ ନାୟକ ପ୍ରମୁଖ ଜିଲ୍ଲା ପରିଷଦ ସଭାପତିମାନେ ଉପସ୍ଥିତ ଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୨୨/୦୧/୨୦୨୬
୫,୪୯,୩୨୧ଟଙ୍କା
ସୁନା :- ୧ ଗ୍ରାମ୍ ୫୦ ମିଲିଗ୍ରାମ୍
ରୂପା :- ୪୮ ଗ୍ରାମ୍

# ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି : ଆଜି ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିବେ ଉପରାଷ୍ଟ୍ରପତି

**ଭୁବନେଶ୍ୱର, ୨୨/୦୧ ନ୍ୟୁଜ ବ୍ୟୁରୋ**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ମାସରେ ଓଡ଼ିଶା ଗସ୍ତରେ ଆସିବେ । ଫେବୃୟାରୀ ପ୍ରଥମ ସପ୍ତାହରେ ରାଷ୍ଟ୍ରପତିଙ୍କ ୫ ଦିନିଆ ଓଡ଼ିଶା ଗସ୍ତ ସୂଚୀ ଚୂଡାନ୍ତ ହୋଇଛି। ଏହି ଅବସରରେ ବାଲେଶ୍ୱର, ଯାଜପୁର ଓ ମୟୂରଭଞ୍ଜରେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ ମହାମହିମ । ସେହିପରି ଶୁକ୍ରବାର କଟକରେ ଆୟୋଜନ ହେବାକୁ ଥିବା ପରାକ୍ରମ ଦିବସ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଓଡ଼ିଶା ଆସୁଛନ୍ତି ଉପ-ରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନ । ଫେବୃୟାରୀ ପ୍ରଥମ ସପ୍ତାହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ସ୍ୱତନ୍ତ୍ର ବିମାନ ଯୋଗେ ରାଷ୍ଟ୍ରପତି ଫେବୃୟାରୀ ୨ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବେ। ଏହାପରେ ସେ ଲୋକ ଭବନରେ ରାତ୍ରୀଯାପନ କରିବେ । ତା’ ପରଦିନ ସକାଳୁ ଅର୍ଥାତ୍ ୩ ତାରିଖରେ ସେ ବାଲେଶ୍ୱର ଗସ୍ତରେ ଯିବେ । ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ୧୨ ତମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ରେମୁଣା ନୂଆପାଡ଼ି ସ୍ଥିତ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ସେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିବେ । ପରବର୍ତ୍ତୀ ଦୁଇଦିନ ଅର୍ଥାତ ଫେବୃୟାରୀ ୫ ଓ ୬ ତାରିଖରେ ପୈତୃକ ଜିଲ୍ଲା ମୟୂରଭଞ୍ଜରେ ଅନୁଷ୍ଠିତ ହେବାକୁ ଥିବା ଏକାଧିକ କାର୍ଯ୍ୟକ୍ରମରେ ଯୋଗ ଦେବେ। ଏଠାରେ ସେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶୁଭ ଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ମଧ ରହିଛି । ଏହା ପରେ ସେ ଭୁବନେଶ୍ୱର ଫେରି ଆସି



ଛତିଶଗଡ଼ ଯିବାର କାର୍ଯ୍ୟକ୍ରମ ରହିଛି । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ ସାମିଲ ହେବାର ସୂଚନା ମିଳିଛି । ଏଥିପାଇଁ ଗୃହ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି । ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପ୍ରସ୍ତୁତିରେ ମଧ ଲାଗି ପଡିଛନ୍ତି । ଆସନ୍ତା କିଛିଦିନ ମଧରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପ୍ରସ୍ତୁତିର ସମୀକ୍ଷା କରିବେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ । ରାଇରଙ୍ଗପୁର କଲେଜରେ ଏମପିସି ବିଶ୍ୱବିଦ୍ୟାଳୟର ସୂଚନା ପ୍ରଯୁକ୍ତି ବିଦ୍ୟା କ୍ୟାମ୍ପସ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିବା ବେଳେ ରାଇରଙ୍ଗପୁରରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଉଦ୍‌ଘାଟନ ଓ ହଲିଡେ ହୋମ୍‌ର ଉଦଘାଟନ କରିବେ। ଏଥିସହ ମହୁଲଡିଆ ବିଦ୍ୟାଳୟରେ ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ସହ ଶିକ୍ଷକ ଓ ଛାତ୍ରୀଙ୍କ ସହ ଆଲୋଚନା କରିବେ ମହାମହିମ । ଏଥିସହ ଆଦିବାସୀ ମହିଳା ଓ ଯୁବବର୍ଗଙ୍କ ସହ ଆଲୋଚନା କରିବେ। ସେହିପରି ନେତାଜୀଙ୍କ ଜନ୍ମ ଦିବସକୁ ପରାକ୍ରମ ଦିବସ ଭାବେ ପାଳନ କରିବେ ଓଡ଼ିଶା ସରକାର । ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସୁଛନ୍ତି ଉପ ରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନ । ଏଥିପାଇଁ ସଜେଇ ହୋଇଛି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ସ୍ଥାନ। ନେତାଜୀଙ୍କ ୧୨୯ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିବେ ଉପରାଷ୍ଟ୍ରପତି । ଏହି ସମୟରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ। ନେତାଜୀଙ୍କ ଜୟନ୍ତୀ ଅବସରରେ ନେତାଜୀ ସଂସ୍କୃତି ଭବନ ନାଁ’ରେ ଏକ ବିଲ୍ଡିଂ ଓ ପୋଷ୍ଟାଲ ଗ୍ୟାଲେରୀର ମଧ ଉଦ୍‌ଘାଟନ କରାଯିବ । ଏଠାରେ ପାଖାପାଖି ୩ ଘଣ୍ଟାର କାର୍ଯ୍ୟକ୍ରମ ରହିଛି। ସେଥିପାଇଁ ଗୁରୁବାର କମିଶନରେଟ ପୋଲିସ ପକ୍ଷରୁ କାରକେଡ ରିହଲସେଲ ମଧ ହୋଇଛି । ଉପରାଷ୍ଟ୍ରପତିଙ୍କ ଗସ୍ତକୁ ଆଖି ଆଗରେ ରଖି ନେତାଜୀଙ୍କ ଜନ୍ମ ସ୍ଥାନ ଓ ସଂଗ୍ରହାଳୟରେ ପ୍ରସ୍ତୁତି ବ୍ୟବସ୍ଥା ସମୀକ୍ଷା କରିଛନ୍ତି ସଂସ୍କୃତି ବିଭାଗ ସଚିବ ଓ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ । ସମସ୍ତ ବ୍ୟବସ୍ଥା ବିଷୟରେ କଟକ ଜିଲ୍ଲାପାଳ, ଡିସିପି ଓ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ସଂସ୍କୃତି ବିଭାଗ ସଚିବ ଏବଂ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ । ସର୍ବ ସାଧାରଣଙ୍କ ପାଇଁ ନେତାଜୀଙ୍କ ଜନ୍ମସ୍ଥାନକୁ ସକାଳ ୭ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ପ୍ରବେଶ ବନ୍ଦ ରହିବ। ତେବେ ୭ଟା ପୂର୍ବରୁ ଏବଂ ଦିନ ଗୋଟାଏ ପରେ ସଂଗ୍ରହାଳୟ ପରିଦର୍ଶନ କରିପାରିବେ । ସମସ୍ତ ପରିଦର୍ଶକଙ୍କ ପାଇଁ ପ୍ରବେଶ ମାଗଣା କରାଯାଇଛି । ସେହିପରି ନେତାଜୀଙ୍କ ଜନ୍ମସ୍ଥାନ ନିକଟରେ ଥିବା ନେତାଜୀ ସଂଗ୍ରାହଳୟକୁ ସକାଳ ୮ ଟାରୁ ଦିନ ୨ଟା ପର୍ଯ୍ୟନ୍ତ ସାଧାରଣ ପ୍ରବେଶ ବନ୍ଦ ରହିବ ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା ‘ଉତ୍କଳ ଦୀପିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଉଡାବାଲି ଦ୍ୱୀପରେ ଜାତୀୟ ପତାକା ଉତ୍ତୋଳନ

# ସମୁଦ୍ର ତଟ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ ଓ ଆଧୁନିକ କରାଯିବ : ଡିଜିପି

**ଭୁବନେଶ୍ୱର,୨୨/୧ ନ୍ୟୁଜ ବ୍ୟୁରୋ**

୭୭ତମ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଓଡ଼ିଶା ପୁଲିସ ପକ୍ଷରୁ ଗୁରୁବାର ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଧାମରା ବନ୍ଦର ନିକଟସ୍ଥ ଜନବସତି ବିହୀନ ଉଡାବାଲି ଦ୍ୱୀପରେ ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶର ଉପକୂଳ ସୁରକ୍ଷାରେ ନିରନ୍ତର ସେବା ଯୋଗାଉଥିବା ସୁରକ୍ଷା ବାହିନୀଙ୍କ ସାହସ, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି । ଏହି ଅବସରରେ ସମୁଦ୍ର ତଟ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ ଓ ଆଧୁନିକ କରିବା ପାଇଁ ଓଡ଼ିଶା ପୁଲିସ ତରଫରୁ ଦୀର୍ଘ ମିଆଦି ଯୋଜନା ଆରମ୍ଭ କରାଯାଇଛି ବୋଲି ଡିଜିପି ସୂଚନା ଦେଇଥିଲେ। ଏଥି ନିମନ୍ତେ ଚଳିତ ବର୍ଷ ରାଜ୍ୟ ସରକାର ବାର୍ଷିକ ବଜେଟରେ ୧୪୯କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି କହିଥିଲେ।



ଉକ୍ତ ଅର୍ଥରାଶିକୁ ବିନିଯୋଗ କରି ସାମୁଦ୍ରିକ ପାଟ୍ରୋଲିଂ ପାଇଁ ଯନ୍ତ୍ର ଚାଳିତ ବୋଟ୍, ଟ୍ରଲର, ପ୍ରତ୍ୟେକ ସାମୁଦ୍ରିକ ଥାନା ପାଇଁ ଡ୍ରୋନ, ନୌସେନା ବିଶେଷଜ୍ଞ ଓ ବୈଷୟିକ ପରାମର୍ଶଦାତାଙ୍କୁ ନିଯୋଜନ, ମାଛ ଧରା ଅବତରଣ କେନ୍ଦ୍ରରେ ସ୍ୱତନ୍ତ୍ର ସାମୁଦ୍ରିକ ପୁଲିସ ଅଧିକାରୀଙ୍କୁ ନିୟୋଜିତ କରିବା ଏବଂ ସମସ୍ତ ସାମୁଦ୍ରିକ ଥାନା ଗୁଡିକରେ କମ୍ୟୁନିଟି ପୋଲିସିଂ ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି ବୋଲି ସେ କହିଥିଲେ । ଏହା ସହିତ ମାଛ ଧରା କେନ୍ଦ୍ର ଗୁଡ଼ିକରେ ସିସିଟିଭି କ୍ୟାମେରା ସ୍ଥାପନ କରାଯିବା ସହ ସାମୁଦ୍ରିକ ପୁଲିସ ଥାନା ଗୁଡ଼ିକରେ ନିୟନ୍ତ୍ରଣ କେନ୍ଦ୍ର ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଉଛି । ଏହି ସମସ୍ତ ବ୍ୟବସ୍ଥାକୁ ଭୁବନେଶ୍ୱରର ଏକ ଅତ୍ୟାଧୁନିକ କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର ସହ ଯୋଡ଼ାଯିବ ଏବଂ ଆଗାମୀ ଦିନରେ ଏହା ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଡିଜିପି କହିଥିଲେ। ଉପକୂଳ ସୁରକ୍ଷାକୁ ସଶକ୍ତ କରିବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିବାରୁ ସେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ । ଜନବସତି ବିହୀନ ଉପକୂଳ ଦ୍ୱୀପ ଗୁଡ଼ିକରେ ଜାତୀୟ ପତାକା ଉତ୍ତୋଳନ କରାଯିବା ମାଧ୍ୟମରେ ଦେଶର ଭୂମି, ସମୁଦ୍ର ଓ ସମ୍ପ୍ରଭୁତା ପ୍ରତି ଓଡ଼ିଶା ପୁଲିସର ଅତୁଟ ସଙ୍କଳ୍ପ ଓ ଦୃଢ଼ ଆସ୍ଥା ପ୍ରତିବିମ୍ବିତ ହେଉଛି । ଏହା ସହିତ ଓଡ଼ିଶା ପୁଲିସର ଉପକୂଳ ସୁରକ୍ଷା ପ୍ରତି ଅତୁଟ ସଂକଳ୍ପକୁ ଏହି ପଦକ୍ଷେପ ପ୍ରତିବିମ୍ବିତ କରୁଛି ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି । ଏହି ଅବସରରେ କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଭାରତୀୟ ନୌସେନା, ଭାରତୀୟ ଉପକୂଳ ସୁରକ୍ଷା, ଶୁଳ୍କ ବିଭାଗ, ରାଜ୍ୟ ପୁଲିସ, ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ, ଗୁଇନ୍ଦା ବିଭାଗ, ଜଙ୍ଗଲ ବିଭାଗ, ସ୍ଥାନୀୟ ବାସିନ୍ଦା ଏବଂ ମତ୍ସ୍ୟଜୀବୀଙ୍କୁ ଡିଜିପି ଧନ୍ୟବାଦ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨୦୨୪ମସିହା ନଭେମ୍ବରରେ ଓଡ଼ିଶାରେ ଆୟୋଜିତ ସର୍ବଭାରତୀୟ ଆରକ୍ଷୀ ମହାନିର୍ଦ୍ଦେଶକ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପକୂଳ ରାଜ୍ୟ ଗୁଡ଼ିକର ଜନବସତି ବିହୀନ ଦ୍ୱୀପ ଗୁଡ଼ିକରେ ସାଧାରଣତନ୍ତ୍ର ଦିବସ କିମ୍ବା ତାହା ପୂର୍ବ ଦିନ ଜାତୀୟ ପତାକା ଉତ୍ତୋଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଜନବସତି ବିହୀନ ଉପକୂଳ ଦ୍ୱୀପକୁ ଚିହ୍ନଟ କରି ସେଠାରେ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁଯାୟୀ ଆଗାମୀ ତିନି ଦିନ ମଧ୍ୟରେ କନିକା ସ୍ୟାଣ୍ଡସ, ଲଙ୍ଗ ହ୍ୱିଲର (ବାବୁବାଲି), କୋକୋନଟ ହ୍ୱିଲର, ସ୍ମଲ ହ୍ୱିଲର, ନୟାଟାପୁ, ବୁଦ୍ଧିଆବାଲି, କେନ୍ଦ୍ରାପଡ଼ା ଜିଲ୍ଲାର ହୁକିଟୋଲା ଦ୍ୱୀପ, କାଦୁଆପାଳ, ଧାନୀଛଡା ଏବଂ ପୁରୀ ଜିଲ୍ଲାର ପାରିକୁଦ, ନଳବଣ, କାଳିଜାଇ ଦ୍ୱୀପରେ ଜାତୀୟ ପତାକା ଉତ୍ତୋଳନ ନିମନ୍ତେ ଯୋଜନା ରହିଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଡିଆଇଜି (ପୂର୍ବାଞ୍ଚଳ) ପିନାକ ମିଶ୍ର, ଭଦ୍ରକ ଏସ୍‌ପି ମନୋଜ ରାଉତ, ଏଆଇଜି (ମେରାଇନ) ସତ୍ୟଜିତ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ, ଉପକୂଳ ସୁରକ୍ଷା ବିଭାଗର କର୍ମଚାରୀ ଓ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ।

# ଭିଜିଲାନ୍ସ ଜାଲରେ ଧରାପଡ଼ିଲେ ଆର.ଆଇ

**କଟକ, ୨୨/୦୧ ନ୍ୟୁଜ ବ୍ୟୁରୋ**

କଟକଜିଲ୍ଲା କଖଡିର ଆରଆଇ ଜାନକୀ ରଞ୍ଜନ ମଲ୍ଲିକ ଗୁରୁବାର ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଛନ୍ତି। ମିଳିଥିବା ସୂଚନା ମୁତାବକ ଏକ ଜମିର କିସମ ପରିବର୍ତ୍ତନ ବା ମ୍ୟୁଟେସନ ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ିବସିଥିଲେ । ସୂଚନା ନେବାରୁ ଜଣାପଡିଛି ଯେ ଜଣେ ଜମିମାଲିକ ତାଙ୍କ ଜମିର କିସମ ପରିବର୍ତ୍ତନ ପାଇଁ ଅନଲାଇନ ଆବେଦନ କରିଥିଲେ । ଆଉ ଏହାପରେ ଆରଆଇ ଜମି ମାଲିକଙ୍କୁ ୨୦ ତାରିଖରେ ଆସି ଭେଟିବାକୁ କହିଥିଲେ । ଜମିମାଲିକ ଜଣକ ଆରଆଇଙ୍କୁ ଭେଟିବା ପରେ ସେ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଜମିମାଲିକ ଜଣକ ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି କହିବା ସହ ନିଜର ଅକ୍ଷମତା ପ୍ରକାଶ କରିଥିଲେ। ଆରଆଇ ବାବୁ ଜଣକ ଏହା ଶୁଣିନଥିଲେ। ଲାଞ୍ଚ ନ ଦେଲେ କାମ ହେବ ନାହିଁ ବୋଲି ସଫା ସଫା ଶୁଣାଇଦେଇଥିଲେ। ଏହାପରେ ଜମିମାଲିକ ଜଣକ ଆଉ କିଛି ଉପାୟ ନ ପାଇ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ପୂର୍ବ ଯୋଜନା ମୁତାବକ ଗୁରୁବାର ଜମି ମାଲିକ ଜଣକ ଲାଞ୍ଚ (କେମିକାଲ ମିଶା) ଟଙ୍କା ନେଇ ପହଞ୍ଚି ଆରଆଇଙ୍କୁ ଦେବାବେଳେ ଭିଜିଲାନ୍ସ ଅଧିକାରୀମାନେ ମାଡ଼ିବସିଥିଲେ।